Odia Daily

www.theutkalsamachar.com

ଉତ୍କଳ ସମାଚାର

ଦୈନିକ ଓଡ଼ିଆ ଖବରକାଗଜ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rkl, Mob:9439951525,
Email: utkalsamachar@gmail.com

✦Vol - 19✦ Issue No:226✦20 December 2023 (Wednesday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୨୬✦୨୦ ଡ଼ିସେମ୍ବର ୨୦୨୩ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଯୋଗୀ କ୍ୟାବିନେଟର ବଡ଼ ନିଷ୍ପତି

ଉତରପ୍ରଦେଶର ୫୭ଟି ଜିଲ୍ଲାରେ ସାଇବର ଥାନା ଖୋଲିବା ପ୍ରସ୍ତାବକୁ ମଞ୍ଜୁରୀ

ଉତ୍ତରପ୍ରଦେଶ, ୧୯/୧୨: ଉତରପ୍ରଦେଶରେ ସାଇବର ଅପରାଧକୁ ରୋକିବା ପାଇଁ ଆଜି ଏକ ବଡ ନିଷ୍ପତ୍ତି ନେଇଛି । ରାଜ୍ୟରେ ସାଇବର ଅପରାଧକୁ ରୋକିବା ପାଇଁ ୫୭ଟି ଜିଲ୍ଲାରେ ସାଇବର କ୍ରାଇମ ଷ୍ଟେସନ ସ୍ଥାପନ ପାଇଁ ପ୍ରସ୍ତାବ ଆଜି ମଞ୍ଜୁର ହୋଇଛି । ଉନ୍ନାଓ, ରାୟବରେଲି, ସୀତାପୁର, ଲକ୍ଷ୍ମୀପୁର ଖେରୀ, କାନପୁର ଦେହାଟ, ଇଟାଓ୍ୱା, ଫତେହପୁର, ମୀରଟ, ଗାଜିଆବାଦ ପରି ୫୭ଟି ସ୍ଥାନରେ ଏହି ଷ୍ଟେସନ ନିର୍ମାଣ ହେବା ନେଇ ପ୍ରସ୍ତବେକୁ ମଞ୍ଜୁରୀ ମିଳିଛି । ତେବେ ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ଏକ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭରତ ନେଟ ପ୍ରକଳ୍ପ ଅଧୀନରେ ଗ୍ରାମ ପଚାଂୟତକୁ ଅପ୍ଟିକାଲ ଫାଇବର କେବୁଲ ସ୍ଥାପନ ପାଇଁ ଉପଲବ୍ଧ ଜଙ୍ଗଲ ଜମି ପାଇଁ ପ୍ରିମିୟମ ଏବଂ ଲିଜ ଭଡା ଦେୟ ପ୍ରଦାନ ସହିତ ମୋବାଇଲ ସଂଯୋଗରୁ ବଚିଂତ ଗ୍ରାମଗୁଡିକରେ ୪ଜି ସେବାକୁ ସୁପାରିଶ କରିବାକୁ ପ୍ରସ୍ତାବ ଅନୁମୋଦନ କରାଯାଇଛି । ଏହା ସହିତ ୨୦୦ ବର୍ଗ ମିଟର ପର୍ଯ୍ୟନ୍ତ ଟାୱାର ସ୍ଥାପନ ପାଇଁ ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ଜିଲ୍ଲାର ୩୬୧ ଟି ଗାଁ ଚିହ୍ନଟ କରିବା ଏବଂ ୨୨୬ ରେ ନୂତନ ମୋବାଇଲ ଟାୱାର ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ଭାରତ ସଂଚାର ନିଗମ ଲିମିଟେଡ(ଉଖଉଷ)କୁ ନିଃଶୁଳ୍କ ଉପଲବ୍ଧ କରାଯିବା ପ୍ରସ୍ତାବ ଗୃହୀତ ହୋଇଛି । ତେବେ ଏହି ଜମି ମାଗଣାରେ ଯୋଗାଇବା ସହିତ ଫସଲର ଉପଯୁକ୍ତ ମାର୍କେଟିଂ ପାଇଁ ନିୟମରେ କ୍ୟାବିନେଟ ୨୮ ତମ ସଂଶୋଧନ କରିଛି । ଶିକ୍ଷ ବିକାଶ ବିଭାଗ-ନୀତି ଆୟୋଗ ଦ୍ୱାରା ଗଠିତ କମିଟିର ସୁପାରିଶକୁ କ୍ୟାବିନେଟ ଅନୁମୋଦନ କରିଛି । ଜାତୀୟ ଉଦ୍ୟାନ କୃଷି ବୋର୍ଡ ଗୁରୁଗ୍ରାମକୁ ୯୯ ବର୍ଷ ପାଇଁ ମାଗଣା ଲିଜ ଉପରେ ଜମି ପ୍ରସ୍ତାବକୁ ଉଦ୍ୟାନ ବିଭାଗ ଅନୁମୋଦନ କରିଛି । ଏଥି ସହିତ ଆଳୁର ଉନ୍ନମ ଉତ୍ପାଦନ ବିଷୟରେ ନିଷ୍ପନ୍ତି ନିଆଯାଇଛି । ଢଇଠରେ ଉନ୍ନତ ଶିଶୁ ଚିକିତ୍ସା କେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତାବ ପାରିତ ହେବା ସହିତ ଦୁଇଟି ପର୍ଯ୍ୟାୟରେ ୫୭୩ ଶଯ୍ୟା ବିଶିଷ୍ଟ ଏକ ଉନ୍ନତ ଶିଶୁ ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯିବା ନେଇ ମଧ୍ୟ ଏଠିରେ ନିଷ୍ପନ୍ତି ନିଆଯାଇଛି । ୧୯୯ କୋଟି, ୧୦ ଲକ୍ଷ, ୫୨ ହଜାର ଟଙ୍କା ବଜେଟରେ ୩୦୮ ଶଯ୍ୟା ଅନୁମୋଦନ କରାଯାଇଥିଲା । ସାହାରନପୁର ବିକାଶ ପ୍ରାଧିକରଣରେ ଆହୁରି ୩୩ ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରିବାକୁ ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି ।

ଛତିଶଗଡ଼ର ବାଚସ୍ପତି ଭାବେ ନିର୍ବାଚିତ ହେଲେ ରମଣ ସିଂହ

ନୂଆଦିଲ୍ଲୀ, ୧୯/୧୨: ଛତିଗଡ଼ରେ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ରହିଥିବା ବିଜେପି ନେତା ରମଣ ସିଂହ ରାଜ୍ୟର ପରବର୍ତ୍ତୀ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି । ବାଚସ୍ପତି ପଦ ପାଇଁ ରମଣ ଗତ ୧୭ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତେବେ ଏହି ନାମାଙ୍କନ ନେଇ ରମଣଙ୍କୁ ବିରୋଧୀଙ୍କ ପକ୍ଷରୁ ମଧ୍ୟ ସମର୍ଥନ ମିଳିଥିଲା । ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ ନାମାଙ୍କନ ଦାଖଲ ସମୟରେ ରମଣଙ୍କ ସହିତ ଉପସ୍ଥିତ ଥିଲେ । ତେବେ ନାମାଙ୍କନ ଦାଖଲ ନେଇ ବିରୋଧୀଙ୍କ ସମର୍ଥନ ରହିଥିବାରୁ ଏହି ଅବସରରେ ରମଣ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ । ରାଜ୍ୟ ବିଧାନସଭାର ମୋଟ ୯୦ ଜଣ ସଦସ୍ୟଙ୍କ ପୂର୍ଣ୍ଣ ସମର୍ଥନ ପାଇଁ ତାଙ୍କର ପ୍ରୟାସ ପୂରଣ ହେବ । ଆଗାମୀ ୫ ବର୍ଷରେ ରାଜ୍ୟର ପ୍ରଗତି ହେବା ସହ ରାଜ୍ୟବାସୀଙ୍କ ହିତସାଧନ ପାଇଁ ବିଧାନସଭା ଗୃହର କାର୍ଯ୍ୟ ଠିକରେ ଚାଲିବା ଆବଶ୍ୟକ ବୋଲି ରମଣ କହିଥିଲେ । ସୂଚନାଯୋଗ୍ୟ ଯେ, ଗତ ୩ ତାରିଖରେ ଛତିଶଗଡ଼ ବିଧାନସଭା ନିର୍ବାଚନର ଫଳାଫଳ ଘୋଷିତ ହୋଇଥିବା ବେଳେ ୧୦ ତାରିଖରେ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ବିଷ୍ଣୁଦେଓ ସାଏଙ୍କ ନାମ ଘୋଷଣା କରାଯାଇଥିଲା । ଏଥିସହିତ ରାଜ୍ୟ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଭାବେ ଅରୁଣ ସାଓ ଏବଂ ବିଜୟ ଶର୍ମାଙ୍କ ନାମ ମଧ୍ୟ ଘୋଷଣା କରାଯାଇଥିଲା । ୨୦୨୪ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପିର ଶୀର୍ଷ ନେତୃବୃନ୍ଦ ଜଣେ ନୂଆ ଚେହେରାଙ୍କୁ ମୁଖ୍ୟମନ୍ତ୍ରୀ ଗାଦିରେ ବସାଇଥିବା ବେଳେ ବରିଷ୍ଠ ନେତା ରମଣଙ୍କୁ ବାଚସ୍ପତି ଆସନରେ ବସାଇଥିଲେ । ରାଜ୍ୟରେ ଏଥର ବିଜେପି ୫୪ଟି ଆସନ ଜିତି ସରକାର ଗଠନ କରିଥିବା ବେଳେ କଂଗ୍ରେସ ୩୫ଟିରେ ଜିତି କ୍ଷମତାଚ୍ୟୁତ ହୋଇଥିଲା ।

ଭିଜିଲାନ୍ସ ଜାଲରେ ଆରଆଇ ଓ ପିଅନ

ଭୁବନେଶ୍ୱର, ୧୯/୧୨ (ନି/ପ୍ର): ରାଜ୍ୟରେ ଦୁର୍ନୀତି ମାତ୍ରା ବଢ଼ିବାରେ ଲାଗିଛି । ପ୍ରତିଦିନ କେହି ନା କେହି ଅଧିକାରୀ ଭିଜିଲାନ୍ସ ଜାଲରେ ଧରାପଡୁଛନ୍ତି । ଏହାରି ମଧ୍ୟରେ ସାମ୍ନାକୁ ଆସିଛି ଏକ ବଡ଼ ଖବର । ସୂଚନା ମୁତାବକ,ଭିଜିଲାନ୍ସ ଜାଲରେ ପଡିଛନ୍ତି ଲମତାପୁଟ ଆରଆଇ ଓ ପିଅନ । ୧୦ ହଜାର ଟଙ୍କା ଲାଂଚ ନେବାବେଳେ ଧରାପଡ଼ିଛନ୍ତି ଲମତାପୁଟ ଆରଆଇ ବିଜୟ ବାଗ ଓ ପିଅନ ରୋହିତ ପାଢୀ । ଜମି ମାପଚୁପ ପାଇଁ ଜଣଙ୍କ ଠାରୁ ଲାଂଚ ନେଉଥିବାବେଳେ ଧରାପଡିଛନ୍ତି । ଏହା ପରେ ଭିଜିଲାନ୍ସ ବିଭାଗର ୩ଟି ଟିମ୍ ଲମତାପୁଟ ଓ ମାଛକୁଣ୍ଡରେ ଯାଂଚ କରୁଛନ୍ତି । ଲମତାପୁଟ ତହସିଲ କାର୍ଯ୍ୟାଳୟ ସମେତ ବାସଭବନରେ ଜୟପୁର ଭିଜିଲାନ୍ସର ଦୁଇଟି ଟିମ ତଦନ୍ତ ଜାରି ରଖିଥିବା ଜଣାପଡିଛି । ବିଜୟ ବାଗ ଓ ରୋହିତ ପାଢୀଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି ଜୟପୁର ଭିଜିଲାନ୍ସ ।

୪୫୦ ଟଙ୍କାରେ ଏଲପିଜି ସିଲିଣ୍ଡର ଦିଆଯିବାର ଯୋଜନା ନାହିଁ : କେନ୍ଦ୍ର

ନୂଆଦିଲ୍ଲୀ, ୧୯/୧୨: ସଂସଦର ଚଳିତ ଶୀତକାଳୀନ ଅଧିବେଶନ ସମୟରେ ସରକାର ରାଜ୍ୟସଭାରେ କହିଥିଲେ ଯେ ରାଜସ୍ଥାନରେ ୪୫୦ ଟଙ୍କାରେ ଏଲପିଜି ସିଲିଣ୍ଡର ଦେବାକୁ ତାଙ୍କର କୌଣସି ଯୋଜନା ନାହିଁ। ଭାରତ ସରକାରଙ୍କ ତରଫରୁ ଏଭଳି କୌଣସି ଘୋଷଣା କରାଯାଇନାହିଁ । ରାଜ୍ୟସଭାରେ ପ୍ରଶ୍ନକାଳରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ଏହା କହିଛନ୍ତି ।ରାଜ୍ୟସଭାରେ ସାଂସଦ ଜାଭେଦ ଅଲ୍ଲୀ ଖାଁ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ସରକାର ନିକଟରେ ରାଜସ୍ଥାନରେ ୪୫୦ ଟଙ୍କାରେ ଏଲପିଜି ସିଲିଣ୍ଡର ଦେବାକୁ ଘୋଷଣା କରିଛନ୍ତି କି ? ଉତରପ୍ରଦେଶ ସମେତ ସମଗ୍ର ଦେଶରେ ୪୫୦ ଟଙ୍କାରେ ଏଲପିଜି ସିଲିଣ୍ଡର ଦେବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି କି ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଉଭୟ ପ୍ରଶ୍ନର ଲିଖିତ ଉତ୍ତରରେ ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ଏଭଳି କୌଣସି ଘୋଷଣାକୁ ଅସ୍ୱୀକାର କରି କହିଛନ୍ତି, ରାଜସ୍ଥାନରେ ୪୫୦ ଟଙ୍କାରେ ଏଲପିଜି ସିଲିଣ୍ଡର ଯୋଗାଇଦେବାକୁ ଭାରତ ସରକାରଙ୍କ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ । ତେବେ ଏଠାରେ ପ୍ରଶ୍ନ ଉଠେ ଯେ ୪୫୦ ଟଙ୍କାରେ ଏଲପିଜି

ଥରୁଛି ଓଡିଶା :ଜି.ଉଦୟଗିରି ସବୁଠାରୁ ଥଣ୍ଡା ସହର

ଭୁବନେଶ୍ୱର , ୧୯/୧୨ (ନି/ପ୍ର): ଶୀତରେ ଥରୁଛି ସାରା ଓଡିଶା । କିଛି ଦିନ ହେବ ସାରା ରାଜ୍ୟରେ ପ୍ରବଳରୁ ଅତି ଥଣ୍ଡା ଅନୁଭୂତ ହେଉଛି । ସୋମବାର ରାତି ସୁଦ୍ଧା ୧୦ ସହରର ରାତି ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଛି । କନ୍ଧମାଳ ଜି.ଉଦୟଗିରି ସବୁଠାରୁ ଥଣ୍ଡା ସହର । ଜି.ଉଦୟଗିରି ୬.୫, ସୁନ୍ଦରଗଡ କିରେଇ ୭, ଫୁଲବାଣୀ ୮.୫, କୋରାପୁଟ ୮.୭, କେନ୍ଦୁଝର ୮.୮, ସୁନ୍ଦରଗଡ ୯, ଝାରସୁଗୁଡା ୯.୨, ଦାରିଙ୍ଗବାଡି ୯.୫, ଅନୁଗୁଳ ଓ ରାଉରକେଲା ୯.୬, କଟକ ୧୩.୫, ଭୁବନେଶ୍ୱର ତାପମାତ୍ରା ୧୩.୮ ଡିଗ୍ରୀ ରେକର୍ଡ କରାଯାଇଛି ।

ରାମ ମନ୍ଦିରର ଉଦଘାଟନ ପାଇଁ ମୁରଲୀ ମନୋହର ଯୋଶୀ,ଏଲ.କେ ଆଡଭାନୀଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ, ୧୯/୧୨: ରାମ ମନ୍ଦିର ନିର୍ମାଣ ପାଇଁ ଆନ୍ଦୋଳନ କରିଥିବା ବରିଷ୍ଠ ନେତା ମୁରଲୀ ମନୋହର ଯୋଶୀ-ଏଲ.କେ ଆଡଭାନୀଙ୍କୁ ୨୨ ଜାନୁଆରୀ ୨୦୨୪ ରେ ଅଯୋଧ୍ୟାରେ ରାମ ମନ୍ଦିରର ଉଦଘାଟନୀ ସମାରୋହରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି । ବିଶ୍ୱ ହିନ୍ଦୁ ପରିଷଦର ଆନ୍ତର୍ଜାତୀୟ ସଭାପତି ଆଲୋକ କୁମାର କହିଛନ୍ତି ଯେ, ରାମ ମନ୍ଦିର ଆନ୍ଦୋଳନର ଅଗ୍ରଦୂତ ସମ୍ମାନିତ ଲାଲ କୃଷ୍ଣ ଆଡଭାନୀ ଜୀଙ୍କୁ ଆମନ୍ତ୍ରଣ କରିଥିଲେ ଏବଂ ଡକ୍ଟର ମୁରଲୀ ମନୋହର ଯୋଶୀଙ୍କୁ ୨୨ ଜାନୁଆରୀ ୨୦୨୪ ରେ ଅଯୋଧ୍ୟାରେ ପରମ ପ୍ରତୀତ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ । ରାମଙ୍କ ଗତିବିଧି ବିଷୟରେ ଆଲୋଚନା ହୋଇଥିଲା । ଉଭୟ ବରିଷ୍ଠ କହିଛନ୍ତି ଯେ ସେମାନେ ଆସିବାକୁ ଯଥାସମ୍ଭବ ଚେଷ୍ଟା କରିବେ । ଏହାପୂର୍ବରୁ ରାମ ମନ୍ଦିର ନିର୍ମାଣର ସାଧାରଣ ସମ୍ପାଦକ ଚମ୍ପତ ରାୟ କହିଥିଲେ ଯେ ବୟସ କାରଣରୁ ଆମେ ଏଠାକୁ ନ ଆସିବା ପାଇଁ ତାଙ୍କୁ ନିବେଦନ କରିଛୁ । ସେ କହିଛନ୍ତି, ପ୍ରାଣ ପ୍ରତିଷ୍ଠା ସମାରୋହ ପାଇଁ ସମସ୍ତ ପ୍ରସ୍ତୁତି ଜାନୁଆରୀ ୧୫ ସୁଦ୍ଧା ଶେଷ ହେବ । ପ୍ରାଣ ପ୍ରତିଷ୍ଠା ପାଇଁ ପୂଜା ଜାନୁୟାରୀ ୧୬ ରୁ ଆରମ୍ଭ ହୋଇ ଜାନୁୟାରୀ ୨୨ ପର୍ଯ୍ୟନ୍ତ ଜାରି ରହିବ, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ ।

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ର ବୌଦ୍ଧ, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଜିଲ୍ଲା ତଥା ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Adress:Qrs No:B/204,
Sec-16,Rourkela
Mob:9692048008
email-utkalsamachar@gmail.com

କାର୍ତ୍ତିକ ପାଣ୍ଡିଆନଙ୍କ କେନ୍ଦ୍ରାପଡ଼ା ଗସ୍ତ :

ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ-ପାଣ୍ଡିଆନ

ଭୁବନେଶ୍ୱର, ୧୯/୧୨(ନି/ପ୍ର): ଯେଉଁମାନେ ପ୍ରକୃତରେ ଶୋଇଛନ୍ତି, ତାଙ୍କୁ ନିଦରୁ ଉଠାଇହେବ । । କିନ୍ତୁ ଯେଉଁମାନେ ଚେଇଁ ଶୋଇଛନ୍ତି ବା ଶୋଇବାର ଅଭିନୟ କରୁଛନ୍ତି ସେମାନଙ୍କ ପାଇଁ କିଛି କରିହେବ ନାହିଁ । କେନ୍ଦ୍ରାପଡ଼ାର ବିକାଶ ସମୀକ୍ଷା ସମୟରେ ବିରୋଧୀଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି ଏମିତି କିଛି ତେରଛା ବାଣ ମାରିଛନ୍ତି ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ବଳଦେବଜୀଉ ମନ୍ଦିର ନିକଟରେ ସାଧାରଣ ସଭାକୁ ଉଦବୋଧନ ଦେଇ ସେ ଏଭଳି କହିଛନ୍ତି । ରୂପାନ୍ତରଣର ଅର୍ଥ ବୁଝାଇବାକୁ ଯାଇ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଯେଉଁଭଳି ଆଗକୁ ବଢ଼ିଛି ତା'ର ସବୁ ଉଦାହରଣ ଦେଇଥିଲେ ପାଣ୍ଡିଆନ । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାକୁ ଆନ୍ତର୍ଜାତିକ ସମ୍ମାନ ମିଳିବା ରୂପାନ୍ତରଣର ଉଦାହରଣ ବୋଲି ସେ କହିଥିଲେ । ତେବେ ଏଭଳି ରୂପାନ୍ତକରଣ କିଛି ଲୋକଙ୍କୁ ଦେଖାଯାଉନାହିଁ । ସେମାନେ ଆଖି ଥାଇ ଅନ୍ଧ । ଘରେ ଯେମିତି କିଛି ଛୁଆ ଶୋଇବାର ଅଭିନୟ କରିଥାଆନ୍ତି ଆଉ ଯେତେ ଉଠାଇଲେ ଉଠନ୍ତି ନାହିଁ, ଏମାନେ ମଧ୍ୟ ସେମିତି ଉଠିନଥାନ୍ତି । ସେମାନଙ୍କୁ ସେମିତି ଶୋଇବାକୁ ଦିଆଯାଉ । ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଅହରହ ପ୍ରୟାସ କରୁଛନ୍ତି ସେଥିପାଇଁ ସହଯୋଗ କରିବା ଦରକାର ବୋଲି ପାଣ୍ଡିଆନ କହିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ବିଜୁବାବୁଙ୍କ କର୍ମଭୂମି ଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ାକୁ ବହୁତ ଭଲ ପାଆନ୍ତି । ସେଥିପାଇଁ କେନ୍ଦ୍ରାପଡ଼ାର କେମିତି ଉନ୍ନତି ହେବ ସେନେଇ ବରାବର ଚେଷ୍ଟିତ । କେନ୍ଦ୍ରାପଡ଼ାରେ ବିଶ୍ୱର ସବୁଠୁ ବଡ଼ ପୁଞ୍ଜି ନିବେଶ ହେବାକୁ ଯାଉଛି । ଆର୍ସେଲର ମିତ୍ତଲ ଓ ନିପ୍ପନ ଭଳି ସଂସ୍ଥା ସେମାନଙ୍କ କାରଖାନା ପ୍ରତିଷ୍ଠା କରିବା ପରେ ଜିଲ୍ଲାର ରୂପରେଖ ବଦଳିଯିବ । ଯୁବପିଢ଼ି ନିଯୁକ୍ତି ପାଇବେ । ଜିଲ୍ଲାରୁ ଆସୁଥିବା ସବୁ ଦାବିକୁ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶ ରହିଛି । ଜିଲ୍ଲାର ସବୁ ସ୍କୁଲ ଓ କଲେଜ ଆଗାମୀ ଦୁଇମାସ ସୁଦ୍ଧା ରୂପାନ୍ତରଣ ସରିବ । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାର କିଭଳି ଦକ୍ଷତା ହାସଲ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଜିରୋକାଜୁଆଲିଟି ନୀତି ସଂପର୍କରେ ପାଣ୍ଡିଆନ ଲୋକଙ୍କୁ ସୂଚନା ଦେଇଥିଲେ । ପ୍ରତ୍ୟେକ ଜୀବନ ମୂଲ୍ୟବାନ । ଏହି ମୂଳମନ୍ତ୍ରକୁ ନେଇ ରାଜ୍ୟ ସରକାର ବିପର୍ଯ୍ୟୟ ମୁକାବିଲା କରୁଥିବା ସୂଚନା ଦେଇଥିଲେ । ୨୦୦୭ ମସିହାରୁ ଖାଦ୍ୟ ସୁରକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ ଦିଗରେ ରାଜ୍ୟ ସରକାର କିଭଳି ଅହରହ ଉଦ୍ୟମ କରୁଛନ୍ତି ସେ ସଂପର୍କରେ ମଧ୍ୟ ସୂଚନା ଦେଇଥିଲେ । କୃଷି ଉତ୍ପାଦନ ଓ ଚାଷୀଙ୍କୁ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ପ୍ରତ୍ୟେକ ସମୟରେ ନୂଆ ନୂଆ ଯୋଜନା ହାତକୁ ନେଉଥିବା ମଧ୍ୟ କହିଥିଲେ । ଏବେ ଓଡ଼ିଶା ଖାଦ୍ୟ ବଳକା ରାଜ୍ୟ ବୋଲି କହିବା ସହ ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଉଛି ବୋଲି କହିଥିଲେ । କ୍ରୀଡ଼ାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ସମଗ୍ର ବିଶ୍ୱ ତା'ର ସାକ୍ଷୀ ବୋଲି ପାଣ୍ଡିଆନ ମତବ୍ୟକ୍ତ କରିଥିଲେ । ଗୋଟେ ସମୟରେ ଦେବାଳିଆ ସ୍ଥିତିରେ ଥିବା ରାଜ୍ୟ ସରକାର ଏବେ କିଭଳି ରାଜସ୍ୱ ବଳକା ରାଜ୍ୟ ଭାବେ ନିଜକୁ ସମଗ୍ର ଦେଶରେ ପରିଚିତ କରାଇ ପ୍ରଶଂସା ସାଉଟିଂଛନ୍ତି ତାହା ସମସ୍ତେ ଜାଣନ୍ତି । ବିଦେଶରୁ ପୁଞ୍ଜି ଆଣିବା, ସିଧାସଳଖ ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ବିଏସକେୱାଇ ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପଦକ୍ଷେପ, ସ୍କୁଲ ଓ କଲେଜ ରୂପାନ୍ତରଣ, ଐତିହ୍ୟସ୍ଥଳୀ ଓ ମନ୍ଦିରର ରୂପାନ୍ତରଣ ହେଉଛି ନୂଆ ଓଡ଼ିଶା ଗଠନ ଦିଗରେ ଗୋଟିଏ ଗୋଟିଏ ପଦକ୍ଷେପ ବୋଲି ପାଣ୍ଡିଆନ କହିଛନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255316
Email: utkalsamachar@gmail.com, Mob: 9437086122

ମାଁ ମଙ୍ଗଳା ତ୍ରିଶାଳୀ ଯୁଗାର ଯାତ୍ରା ଅନୁଷ୍ଠିତ

ବରଗଡ଼ : ବରପାଲି ବ୍ଲକ ରେମତା ଗ୍ରାମ ରେ ଅନୁଷ୍ଠିତ ମାଁ ମଙ୍ଗଳା ତ୍ରିସାଲି ଯୁଗାର ଯାତ୍ରା ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ସୁଶାନ୍ତ ସିଂହ ଙ୍କ ସହ ବରିଷ୍ଠ ନେତା ଲାଲ ବିକ୍ରମ ସିଂହ ଦେଓ, ବରଗଡ ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ,ସରପଞ୍ଚ ବିନୟ ଗଡତିଆ,ସମିତି ସଭ୍ୟା ବିଜୟ ଲକ୍ଷ୍ମୀ ବେହେରା,ତରଣି ଦେବତା,ସାନନ୍ଦ ପାଣ୍ଡେ,ଶଙ୍କର ସା,ବିଶି କେଶନ ପଟେଲ,ଦିବ୍ୟ କିଶୋର ବେହେରା, ଅକ୍ଷୟ ଗଡତିଆ, ଅଧିକାରୀ ଗଡତିଆ ପ୍ରମୁଖ ପଞ୍ଚାୟତ ର ସମସ୍ତ ନେତୃବୃନ୍ଦ୍ ? ଉପସ୍ଥିତ ରହି ମାଁ ମଙ୍ଗଳା ଙ୍କ ଦର୍ଶନ କରିଥିଲେ ଉକ୍ତ କାର୍ଯ୍ୟକ୍ରମ ରେ ଗ୍ରାମ ର ହଜାର ହଜାର ଭକ୍ତବୃନ୍ଦ ଉପସ୍ଥିତ ଥିଲେ।

କୃଷି ସମ୍ପ୍ରସାରଣ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର

ଦିଗପହଣ୍ଡି : ଓଡିଶା ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଦିନ ଦିଗପହଣ୍ଡି ସ୍ଥିତ ଘୋଡାହାଡ ଶୀର୍ଷ କମିଟି ପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷି ସମ୍ପ୍ରସାରଣ କର୍ମଚାରୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି।ଦିଗପହଣ୍ଡି କୃଷି ଜିଲ୍ଲା ଅଧିକାରୀ ନିରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଜିଲ୍ଲା ମୂଖ୍ୟ କୃଷି ଅଧିକାରୀ ଦିଲ୍ଲୀପ କୁମାର ଖୁଣ୍ଟିଆ ମୂଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ।ସେହିଭଳି ଆର ଉପ ପ୍ରକଳ୍ପ ନିର୍ଦ୍ଦେଶକ ଅଜିତ କୁମାର ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ପ୍ରଥମ ଦିବସରେ ଦିଗପହଣ୍ଡି ଗୋଷ୍ଠି କୃଷି ଅଧିକାରୀ କଲ୍ୟାଣୀ ରାଉତ, କୁକୁଡାଖଣ୍ଡି ଗୋଷ୍ଠି କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ଦିଗପହଣ୍ଡି କୃଷି ଯନ୍ତ୍ରୀ ଦେବାଶିଷ ସେନାପତି ପାରା କୃଷି ସମ୍ପ୍ରସାରଣ କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ମଙ୍ଗଳବାର ଦ୍ବିତୀୟ ଦିବସରେ ସାନଖେମୁଣ୍ଡି ଗୋଷ୍ଠି କୃଷି ଅଧିକାରୀ ଜୟଦପ୍ରଭା ଆଚାର୍ଯ୍ୟ, ସାନଖେମୁଣ୍ଡି ସହକାରୀ କୃଷି ଅଧିକାରୀ ବିଶ୍ୱ ରଞ୍ଜନ ରାଉତ ଏବଂ କୁକୁଡାଖଣ୍ଡି ସହକାରୀ କୃଷି ଅଧିକାରୀ ବିଶ୍ୱ ରଞ୍ଜନ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ଏହି ଶିବିର ପରିଚାଳନାରେ ବିଭାଗୀୟ କର୍ମଚାରୀ ଦୁର୍ଗା ମାଧବ ସାହୁ ଏବଂ ବିଭୂତି ଭୂଷଣ ବିଷୋୟୀ ସହଯୋଗ କରିଥିଲେ।

ଉତ୍କଳ ସମାଚାର
THE UTKAL SAMACHAR
(A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16,
ROURKELA, PH:0661-2646999
PRAKASH KUMAR DHAL (EDITOR)
MOB: 9439951525
Email: utkalsamachar@gmail.com

ଅଗ୍ନିଶମ ବିଭାଗ ଦ୍ୱାରା ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ନିଆଁ ନିୟନ୍ତ୍ରଣ ପାଇଁ ମକଡ୍ରିଲ

ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସଦର ଗ୍ରାମ ର ସମ୍ମୋନିତ ଶିଶୁ ବିକାଶ କାର୍ଯ୍ୟାଳୟ ର ସଭାଗୃହ ଠାରେ ଅଗ୍ନିଶ୍ରମ ବିଭାଗ ପକ୍ଷରୁ ଅଙ୍ଗନବାଡି କର୍ମୀଙ୍କୁ ନିଆ କୁ କେଉଁଭଳି ନିୟନ୍ତ୍ରଣ କରାଯାଏ ସେ ବିଷୟରେ ଏକ ସଚେତନ କାର୍ଯ୍ୟକ୍ରମ ଅଗ୍ନି ନିରାପତ୍ତା ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା । ପାପଡାହାଣ୍ଡି ଅଗ୍ନିଶ୍ରମ ବିଭାଗ ର ହାବିଲଦାର ବନବାସୀ ମହାପାତ୍ର ଏବଂ ରାଜେଶ ବେହେରା ଉପସ୍ଥିତ ଅଙ୍ଗନବାଡି କର୍ମୀ ମାନଙ୍କୁ ନିଆଁ କେତେ ପ୍ରକାର, କେଉଁ ପ୍ରକାର ନିଆଁ କୁ କେମିତି ଲିଭାଇଲେ ତାହା ନିୟନ୍ତ୍ରଣ ରେ ଆସିଥାଏ ସେ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ । ହାବିଲଦାର ବେହେରା ଙ୍କ ମତରେ ଅଙ୍ଗନବାଡି କର୍ମୀ ମାନେ ଆମ ସମାଜର ଏକ ଅତୁଟ ଅଙ୍ଗ । ସେମାନେ ସବୁ ସମୟରେ ଲୋକଙ୍କ ସହ ଜଡିତ ହୋଇ ଥାନ୍ତି, ଏଣୁ ଆପଣ ମାନେ ନିଆଁ ନିୟନ୍ତ୍ରଣ କରିବାକୁ ଜାଣି ଥିଲେ, କିଛିମାତ୍ରାରେ ନିଆକୁ ନିୟନ୍ତ୍ରଣ କରିପାରିବେ । ଏହାପରେ କାର୍ଯ୍ୟାଳୟ କିଛି ଦୂରରେ ଥିବା ଏକ ଖେଳ ପଡିଆରେ ଯାଇ ନିଆକୁ କେଉଁଭଳି ନିୟନ୍ତ୍ରଣ କରାଯାଇପାରିବ ସେନେଇ ଏକ ମକଡ୍ରିଲ ମଧ୍ୟ କରାଯାଇଥିଲା । ଏହି ମକଡ୍ରିଲ କୁ ଫାଇୟେର ମ୍ୟାନ୍ ଗୋଲୋକ ବିହାରୀ ଶବର , ସିମାଞ୍ଚଳ ସେଠି, ନୀଳମଣୀ ନାୟକ ବିଭିନ୍ନ ଉଦାହରଣ ଦେଇ ଉପସ୍ଥିତ ସମସ୍ତ ଅଙ୍ଗନବାଡି କର୍ମୀ ମାନଙ୍କୁ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମ ରେ ବ୍ଲକ ର ସମସ୍ତ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିବା ବେଳେ , ସିଡିପିଓ ଏସ. ଗୀତା , ପରିଦର୍ଶିକା ପରବିନ ବାନୁ, ଚନ୍ଦନା ମହାରଣା, ରମା ପଟ୍ଟନାୟକ , ଖୁସ ଲତା କ୍ଷେତ୍ରୀୟ , ଶୁକମଣୀ ରଶ୍ମି ମାଝୀ ବି ପି ଏମ ପ୍ରୀତିକାନ୍ତ ସାଧୁ , ରାମ ପଣ୍ଡା , ତ୍ରିନାଥ ବାବୁ ସମେତ ଅନ୍ୟାନ୍ୟ କର୍ମଚାରି ମାନେ ଉପସ୍ଥିତ ଥିଲେ ।

ଯାହା କରିବେ ପ୍ରଭୁ ଜଗନ୍ନାଥ, ନଚେତ ମନ୍ଦିର ପ୍ରଶାସନ

ପୁରୀ ପ୍ରଶାସନ ନିରବ ପୁରୀରେ ସମ୍ରାଟ କମ୍ପ୍ଲେକ୍ସ ପରେ ଖୀମଜି, ରିଲାଏନ୍ସ ଏବଂ ଅଗ୍ରୱାଲ



ପୁରୀ, : ପୁରୀ ସହର ବିଶ୍ୱରେ ପ୍ରଭୁ ଜଗନ୍ନାଥଙ୍କ ପାଇଁ ଏକ ଧର୍ମୀୟ କ୍ଷେତ୍ର ଅଟେ । ଶ୍ରୀ ଜିଉଙ୍କ ନବକଳେବର ପରେ ପ୍ରଭୁ ଜଗନ୍ନାଥ ନୃସିହଂ ଅବତାର ଆସିଥିବାରୁ ଅନ୍ୟାୟରେ ମୂଳୋତ୍ପାଟନ କରିଚାଲିଛନ୍ତି । ଯାହାର ପ୍ରଥମେ ବ୍ରହ୍ମ ବିଭ୍ରାଟ, ପଛକୁ ପଛ ସାରଥି ବାବା ସୁରବାବା ନେତା ଅଭିନେତା, ସେବକମାନେ ଅନ୍ୟାୟ କଲେ ଏହାର ନିସ୍ତାର ନାହିଁ ବୋଲି ଦେଖାଇ ସାରିଲେଣି । ଏମ୍ଧ ନିକଟରେ ଜଗନ୍ନାଥଙ୍କ ୨୨ଡିସିମିଲି ଜାଗାରେ ଜଣେ ଜମି ମାଫିଆ ୪ମହଲା ବିଶିଷ୍ଟ ଏକ ବିଶାଳ କୋଠାକରି ସମ୍ରାଟ ମାର୍କେଟ କମ୍ପ୍ଲେକ୍ସ କରି ଦୋକାନ, ବ୍ୟାଙ୍କ୍ ହୋଟଲ କରି ମାସକୁ ଲକ୍ଷ ଲକ୍ଷ ଟଙ୍କା ଭଡା ସୂତ୍ରରେ ପାଉଥିଲା । ନିକଟ ଅତୀତରେ ଏଠାରେ ନିଆଁ ଲାଗିଥିଲା, ଯାହାକୁ ଆୟତ୍ତ କରିବାକୁ ସରକାରଙ୍କୁ ୩୬ଘଣ୍ଟାରୁ ଉର୍ଦ୍ଧ ସମୟ ଲାଗିଥିଲା । ସମସ୍ତ ଅତ୍ୟାଧୁନିକ ସାମଗ୍ରୀ ଓଡ଼ିଶାର ସମସ୍ତ କର୍ମଚାରୀଙ୍କ ଚେଷ୍ଟା ସତ୍ତ୍ୱେ ନାକେଦମ ହୋଇଜାଇଥିଲେ । ପରେ ପୁରୀ ପ୍ରଶାସନିକ ଅଧିକାରୀମାନେ ଖୋଳୋତାଡ଼ କରିବା ପରେ ଜଣାପଡିଥିଲା ଏହା ଜଗନ୍ନାଥଙ୍କ ସମ୍ପତ୍ତି ଏବଂ ଏଠାରେ ଏକ ଶିବ ମନ୍ଦିର ଥିଲା । ଏବେ ଏହି କୋଠାଟିକୁ ପ୍ରଶାସନ ନିଜ ଅକ୍ତିଆରକୁ ନେଇଛି। ସେହିପରି ଆଉ ୩ଟି ବିରାଟ ମାର୍କେଟ ଭିଆଇପି ରୋଡରେ ଅଛି । ଯାହାକି କୁଣ୍ଡେଇବେଣ୍ଟ ସାହି ମୌଜା ଶାବକ ଖାତା ନଂ ୭୦ ପ୍ଲଟ ନଂ ୮୬୨(ପି)୮୬୩(ପି) ହାଲ ଖାତାନଂ ୪ ପ୍ଲଟ-୩୩୯/୧୦୮୪ ଏରିଆ ୦.୧୦ଡିସିମିଲି ପ୍ଲଟ୩୩୯ ୦.୦୯୮ଡିସିମିଲି ପ୍ଲଟ ନଂ ୩୩୭ଏରିଆ ୦.୦୪୫ ଡିସିମିଲ ପ୍ଲଟ ୩୩୮ଏରିଆ ୦.୧୧୭ ଡିସିମିଲ । ଏହି ଭଳି ସର୍ବମୋଟ ୦.୨୭୦ ଡିସିମିଲ ଅଟେ । ଚଞ୍ଚକତାର ସହ ଅଜୟ କୁମାର ଜେନା ନିଜ ନାମରେ ମିଥ୍ୟା ରେକର୍ଡ କରିଥିଲେ। ଯାହା ଫଳରେ ଅଜୟ ଜେନା ପାଇସାରିଛନ୍ତି ଏହାପରେ ଏହି ଜାଗାକୁ ବାରିପଦାର ରଞ୍ଜିତ ମହାନ୍ତି ବିକ୍ରି କରିଥିଲେ ଏହି ସମ୍ପତ୍ତି ମହାପ୍ରଭୁଙ୍କ ସମ୍ପତ୍ତି ଅଟେ। ଆଡଭୋକେଟ ବିଭୂତି ପ୍ରସାଦ ପଟ୍ଟନାୟକ କେସ ନଂ ୫୦୨...୫୨/୧୯ରେ କମିସନର ଭବନେଶ୍ୱରରେ ଚ୍ୟାଲେଞ୍ଜ କରିଥିଲେ । ଏହି ଆଧାରରେ କମିସନ ଏହି ସମ୍ପତି ଜଗନ୍ନାଥ ମହାପ୍ରଭୁ ସମ୍ପତ୍ତି ଅଟେ ବୋଲି କହିଥିଲେ। ଏହି ସମ୍ପତିକୁ ପୁରୀ ତହସିଲଦାର ଓ ମନ୍ଦିର ପ୍ରଶାସନିକ ଅଧିକାରୀ ନିଜ ଦଖଲ ଆଣିବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା । ଏଭଳି ଆଦେଶ ଥିବା ସତ୍ତ୍ୱେ ବାରିପଦାର ରଞ୍ଜିତ ମହାନ୍ତି ନାମକ ଜଣେ ବ୍ୟକ୍ତି ଏହାକୁ ନେଇ ଭିଆଇପି ରୋଡରେ ଏକ ବିଶାଳ ପ୍ରାସାଦ କରି ବ୍ୟବସାୟ ଆରମ୍ଭ କରିଛନ୍ତି। ଏହି ସମ୍ପତିକୁ ପୁରୀର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସମର୍ଥନ ଦେବା ସହିତ ଅଛନ୍ତି ମହାପ୍ରଭୁଙ୍କ ଉନ୍ନତି କରଣରେ ଆସିଥିବି ଟଙ୍କା ମିଳି ଏଠାରେ ରାଗଥିବା ଖମିଜି ସୋରୁମରେ ଭାଗରେ ଥିବାର ପୁରୀ ବୁଦ୍ଧି ଜିବି ମହଲରେ ଚର୍ଚ୍ଚା ହେବା ସହିତ ଏହି ବ୍ୟବସାୟ ଅନୁଷ୍ଠାନରେ କୌଣସି ପ୍ରମାଣପତ୍ର ମଧ୍ୟ ନାହିଁ ଏହା ଉପରେ ବରିଷ୍ଠ ଅଧିକାରୀ ମୋଟା ଅଙ୍କର ଟଙ୍କା ପାଇ କୌଣସି କାର୍ଯ୍ୟାନୁଷ୍ଠନ ନ ନେଇ ଗଣମାଧମ ଆମଦେଖୁଛୁ ଏହା କହୁଛନ୍ତି ଏହି ମୁନିସିପାଲଟି ଅଫିସରଙ୍କ କାମ ମୁନିସିପାଲଟି ଅଫିସର ପଚାରିଲେ କହୁଛନ୍ତି ଅଫିସର ଏହି କୋଠାଉପରେ କାହିଁକି କେସ କରିଥିଲେ ପଚାର ସେ କଣ ଏବେ ମୋଟା ଅଙ୍କ ଅର୍ଥ ପାଇ କାହିଁକି ଚୁପ ପଚାରନ୍ତୁ । ଆମ ପ୍ରତିନିଧି ମନ୍ଦିର ପ୍ରଶାସନର ଅଜୟ ବାବୁଙ୍କୁ ପଚାରିବାରୁ ସେ କହିଲେ ଆମେ ସବୁ ଜାଣିଛୁ ଆମେ କିଛି କରିପାରିବୁନି ଯାହା କରିବେ ବିଶ୍ୱ ଚଳାଉ ଥିବା ମହାପ୍ରଭୁ ଜଗନ୍ନାଥ କରିବେ ଅପେକ୍ଷା କର ଆଉ ଏକ ଦୁର୍ଘଟଣା ହେଉ ବୁଝିବା । ବୁଦ୍ଧିଜିବିବୁ ମହଲରେ ଚର୍ଚ୍ଚା ଚାଲିଛି ବର୍ତ୍ତମାନ ପୁରୀ ପ୍ରଶାସନ ଓ ମନ୍ଦିର ପ୍ରଶାସନ ପରସ୍ପର ଦୋଷ ନଦେଇ କିପରି ଜଗନ୍ନାଥଙ୍କ ସମ୍ପତ୍ତି ଏହି ଜମିମାଫିଆଙ୍କ ଠୁ ଫେରେଇ ଆଣିବା ଉପରେ କାର୍ଯ୍ୟାନୁଷ୍ଠାନ ନେବେ ଏହା ମନ୍ଦିର ପ୍ରଶାସନ ଅଜୟ ବାବୁ ଜଗନ୍ନାଥ ଏହି ଜମିକୁ ନିଜେ ଆଣିବେ ଆମେ କିଛି କରିପାରିବୁନି କହିବା ଉଚିତ୍ ନୁହେଁ ବୋଲି ଚର୍ଚ୍ଚା ଚାଲିଛି ।

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଲଛାମୁଣ୍ଡାର ଗଭର୍ଣ୍ଣ ବଡ଼ି ମିଟିଂ ଅନୁଷ୍ଠିତ

ପଦ୍ମପୁର, : ମଙ୍ଗଳବାର ଦିବା ୧୦.୩୦ମି.ରେ ଜନ ଆରୋଗ୍ୟ ସମିତି, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଲଛାମୁଣ୍ଡାର ଗଭର୍ନିଂ ବଡ଼ି ମିଟିଂ ଅନୁଷ୍ଠିତ ହୋଇଥିଲା।ଏହି ସଭାରେ ଜିଲ୍ଲା ପରିଷଦ ସଭ୍ୟା (ସଭାପତି)ଶ୍ରୀମତୀ ପୂର୍ଣ୍ଣିମା ରଣା ଅଧକ୍ଷତା କରିଥିଲେ।ସରପଞ୍ଚ ଶ୍ରୀଯୁକ୍ତ ପ୍ରତ୍ୟୁଷ ରଞ୍ଜନ ଭୋଇ ,ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଆଦିତ୍ୟ କୁମାର ଭୋଇ, ମେଲଛାମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଦେବାଶିଷ ରଥ ତଥା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।ସମସ୍ତ କର୍ମଚାରୀ ଙ୍କ ନିସ୍ୱାର୍ଥ ସେବା ମନୋବୃତ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ର ର ଉନ୍ନତି ପାଇଁ ସଦା ଚେଷ୍ଟିତ ରହୁଥିବା ରୁ ସ୍ୱାସ୍ଥ୍ୟକେନ୍ଦ୍ର ର ସମସ୍ତ କର୍ମଚାରୀ ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଗଲା।ମେଲଛାମୁଣ୍ଡା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମଧ୍ୟ ସଭାରେ ଉପସ୍ଥିତ ଥିଲେ।ବରଗଡ଼ ଜିଲ୍ଲାରେ କାୟାକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରୁ ସମସ୍ତ ସଭ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ର କର୍ମଚାରୀ ମାନଙ୍କୁ ପ୍ରଶଂସା କରିଥିଲେ।ଶେଷରେ ଡାକ୍ତର ଦେବାଶିଷ ରଥ ଧନ୍ୟବାଦ ଜ୍ଞାପନ କରିଥିଲେ।

ନୂଆପଡା ବ୍ଲକ ଅନ୍ତର୍ଗତ ଆମାନାରା ଗ୍ରାମପଞ୍ଚାୟତ ପାଓ୍ୱାରତୋଳା ଗ୍ରାମରେ କଲରାପତରିଆ ବାଘ ଆତଙ୍କ

ନୂଆପଡା : ଡିପିସି ପୋଷ୍ଟ ନୂଆପଡା ବ୍ଲକ ଅନ୍ତର୍ଗତ ଆମାନାରା ଗ୍ରାମପଞ୍ଚାୟତ ପାଓ୍ୱରତୋଳା ଗ୍ରାମ ରେ କଲରାପଥରିଆ ବାଘ ଆତଙ୍କ ଲାଗିରହିଅଛି। ଗତକାଲି ରାତ୍ରିରେ ଚିଟି ରାମ ସତନାମୀଙ୍କ ଏକ ବାଛୁରିକୁ କଲରାପଥରିଆ ବାଘ ଟାଣି ନେଇ ଆହାର ବନାଇଅଛି। ବାଘ ଆତଙ୍କ ଲାଗି ରହିଥିବା ବେଳେ ବନ୍ୟପ୍ରାଣୀଙ୍କ ସୁରକ୍ଷା କରିବା ସହ ବନ୍ୟ ନିବାସି ମନୁଷ୍ୟ ମଧ୍ୟ ସୁରକ୍ଷିତ ରହିବାକୁ ଆହ୍ୱାନ କରିଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ମଧ୍ୟ ସଚେତନ କରିବାକୁ ଅନେକ ପଦକ୍ଷେପ ନେଇଛନ୍ତି। ନୂଆପଡା ଜିଲ୍ଲାର ଅଭୟାରଣ୍ୟ ଏବଂ ବନଖଣ୍ଡ ଅଂଚଳରେ ମଧ ବାଘ ଆତଙ୍କ ଲାଗି ରହିଅଛି। ସୁନାବେଡା ଅଭୟାରଣ୍ୟ ରେ ବନ୍ୟ ପ୍ରାଣୀ ସଂଖ୍ୟା ବୃଦ୍ଧି ହେବା ଜଣାପଡିଅଛି। ଏହି ବାଘର ଖଟି ବିଧି ନଜର ରଖିବା ପାଇଁ ୧୩ ଗୋଟି ଟ୍ରପ କେମେରା ଖଞ୍ଜା ହୋଇଅଛି। ବାଘ ଫଟୋ ଚିତ୍ର ମଧ ଜଳମଡ଼ାଇ ଗ୍ରାମରେ ଖଞ୍ଜା ଯାଇଥିବା କେମେରା ରେ କଏଦ ହୋଇଅଛି।

ବଜ୍ରାଘାତରେ ୧ ଛେଳି, ୧ ଗାଈ ସମେତ ୧୫ ଟି ମେଣ୍ଢା ମୃତ

ସାନଖେମୁଣ୍ଡି, : ବଜ୍ରାଘାତରେ ଗୋଟାଏ ଛେଳି, ଗୋଟାଏ ଗାଈ ସମେତ ୧୫ ଟି ମେଣ୍ଢା ମୃତ ସୂଚନା ଅନୁସାରେ ସାନଖେମୁଣ୍ଡି ବ୍ଲକ କଲରାପଦର ପଂଚାୟତ ଭୁଡୁକି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଶଙ୍କର ପାତ୍ରଙ୍କ ୧୫ ଟି ମେଣ୍ଢା ସହିତ ଗୋଟିଏ ଛେଳି ଓ ଗୋଟିଏ ଗାଈଙ୍କ ମୃତ ହୋଇଥିବା ଦେଖିବାକୁ ମିଳିଛି ଘଟଣା ସ୍ଥଳରେ ଗୌତମୀ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ରେଡ୍ଡୀ, ସହିତ ଗ୍ରାମ ବାସି ଏବଂ ପଶୁ ଚିକିତ୍ସକ ପହ ସମସ୍ତ ପଶୁଙ୍କୁ ବ୍ୟବଚ୍ଛେଦ କରି ପୋତିଦେଇଛନ୍ତି କ୍ଷତିଗ୍ରସ୍ତ ଶଙ୍କର ପାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି ।

ଧାର୍ମିକ ଭାବନାକୁ ନେଇ ରାଜନୀତି ନ ହେଉ :ଏଫ୍‌ପିଆଇ

ଭୁବନେଶ୍ୱର : ଏହା ସ୍ୱୀକାର୍ଯ୍ୟ ଯେ ଭାରତ ସଂବିଧାନରେ ଯେଉଁ ଯେଉଁ ଆଦର୍ଶ ରହିଛି ସେ ସବୁକୁ ସର୍ବାନ୍ତକରଣରେ ସ୍ୱୀକୃତି ଦେବା ଓ ତଦନୁଯାୟୀ ରାଜନୀତି କରିବା ପାଇଁ ଭାରତରେ ଏବେ କୌଣସି ନାମଜାଦା ରାଜନୈତିକ ନେତା ନାହାଁନ୍ତି। ଗଣତାନ୍ତ୍ରିକ ସମାଜବାଦ ବା ଡ଼ିମୋକ୍ରାଟିକ୍ ସୋସିଆଲ୍‌ଜିମ୍ ତତ୍ତ୍ୱଧରି ରାଜନୀତି କରିବା ପାଇଁ ଟାଣୁଆ ନେତା ନାହାଁନ୍ତି। ସେହିପରି ସାମ୍ୟବାଦ କମ୍ୟୁନିଜିମ୍ ନାଁରେ ରାଜନୈତିକ ଦୃଶ୍ୟପଟ୍ଟରେ ସାରା ଭାରତରେ କୌଣସି ବଳିଷ୍ଠ ସଂଗଠନ ନାହିଁ। ସିପିଏମ୍ ଦଳ କେବଳ କେରଳରେ ହିଁ ରହିଛି। ପୁଂଜିବାଦୀ ଅର୍ଥନୀତି ସପକ୍ଷରେ ଖୋଲାଖୋଲି ଛିଡ଼ାହେବା ପାଇଁ ସେମିତି ସ୍ୱନାମ ଧନ୍ୟ ନେତା ବି ନାହାନ୍ତି। ଆଦର୍ଶ ବିହୀନ ରାଜନୀତି ଇଣ୍ଡିଆରେ ହିଁ ଚାଲିଛି। ଫଳତଃ ଧାର୍ମିକ ଧ୍ୱନୀ (ଜୟ ଜଗନ୍ନାଥ, ଜୟ ଶ୍ରୀରାମ) ଦେଇ ନେତାମାନେ ଜନସାଧାରଣଙ୍କୁ ଭୁଲେଇ ଚାଲିଛନ୍ତି। ବିଜୁ ପଟ୍ଟନାୟକଙ୍କ ସାହସିକତା ଓ ଓଡ଼ିଶାର ଦରିଦ୍ର ଜନସାଧାରଣଙ୍କ ପ୍ରତି ତାଙ୍କର ମନୋଭାବ ଥିଲା ତାକୁ ଆଧାର କରି ବିଜୁପ୍ରେମୀମାନେ ଓଡ଼ିଶାରେ ବିଜୁ ଜନତାଦଳ ବା ବିଜେଡ଼ିକୁ ଜନ୍ମ ଦେଇଥିଲେ। ବିଜେଡ଼ି ଏକ ଶାସକ ଦଳ ଭାବେ ଓଡ଼ିଶାବାସୀଙ୍କୁ ଶାସନ କରୁଛି ଗତ ୨୪ ବର୍ଷ ଧରି। ମାତ୍ର ଲଜ୍ୟାର ବିଷୟ ଏହି ଯେ ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସପ୍ତାହରେ ବିଜୁ ଜନତା ଦଳ ସାରା ରାଜ୍ୟରେ "ଜୟ ଜଗନ୍ନାଥ" ନାରା ଦେଇ ନିର୍ବାଚନ ଲଢ଼ିବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି। କ୍ଷମତା ରାଜନୀତିରେ ଭୋଟରଙ୍କ ଭୋଟକୁ ହାତେଇବା ପାଇଁ ବିଜେଡ଼ିର ତୁଙ୍ଗ ନେତା ତଥା ଦଳର ସଭାପତି ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏପରି ଏକ ସିଦ୍ଧାନ୍ତରେ ପହଁଚିଛନ୍ତି। ବିଜେପିର ଜୟ ଶ୍ରୀରାମ ନାରାକୁ ପ୍ରତିହତ କରିବା ପାଇଁ ବା ପଙ୍ଗୁ କରିବା ପାଇଁ ସେ ଏପରି ଏକ ରାଜନୈତିକ ଖେଳ ଖେଳିବା ବସ୍ତୁତଃ ବାଧ୍ୟ ହୋଇଛନ୍ତି। ସାମାଜିକ ନ୍ୟାୟ, ସମସ୍ତଙ୍କ ପାଇଁ ଉନ୍ନତମାନର ବାସଗୃହ, ଉନ୍ନତମାନର ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଆଦି ସେପରି ପ୍ରଭାବ ଭୋଟରଙ୍କ ହୃଦୟରେ ରଖି ପାରୁ ନାହିଁ। ଏହା ବିଜେଡ଼ି ସରକାରର ତୁଙ୍ଗନେତା ବୁଝିନେଇଛନ୍ତି। ଓଡ଼ିଶାବାସୀଙ୍କୁ "ଜୟ ଜଗନ୍ନାଥ" ମଧ୍ୟରେ ବାନ୍ଧି ରଖିବା ଏବଂ ସେମାନଙ୍କୁ ଏହି ବାଟେ ଉଦ୍‌ବୁଦ୍ଧ କରିବା ଏକମାତ୍ର ନିର୍ଭର ଯୋଗ୍ୟ ଉପାୟ ବୋଲି ଦଳର ନେତୃତ୍ୱ ମାନିନେଇଛନ୍ତି। ପରାଧୀନ ଭାରତରେ ଚାଲୁଥିବା ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ନେତୃତ୍ୱ ଭାରତୀୟ ଜାତୀୟ କଂଗ୍ରେସ ଦଳ ହାତରେ ଥିଲା। ଏହାର ପ୍ରମୁଖ ନେତାଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧି। ସଂକ୍ଷେପରେ ମହାତ୍ମା ଗାନ୍ଧି। ମହାତ୍ମା ଗାନ୍ଧି ଜନ ସାଧାରଣଙ୍କୁ ଠିକଣା ବାଟରେ ନେଇପାରି ନଥିଲେ। ସେ ରାମରାଜ୍ୟ କଥା କହୁଥିଲେ। ଏପଟେ ଭଗବତ ଗୀତାକୁ ପଢୁଥିଲେ ଏବଂ ତାକୁ ଧରି ବୁଲୁଥିଲେ। ଗାନ୍ଧିଜୀଙ୍କ ନେତୃତ୍ୱରେ ପରିଚଳିତ କଂଗ୍ରେସରେ ନେତାଜୀ ସୁବାଷ ବୋଷଙ୍କୁ ଗାନ୍ଧିଜୀ ସମ୍ମାନଜନକ ସ୍ଥିତିରେ ରଖି ନଥିଲେ। ନେତାଜୀ ଅଂହିସାର ପଥ ଛାଡ଼ି ହିଂସାତ୍ମକ ପନ୍ଥାକୁ ଆବୋରି ନେଇଥିଲେ। ଏପଟେ ଜ୍ଞାନୀ ଓ ଗୁଣି ମହମଦ୍ ଆଲ୍ଲି ଜିନ୍ନାଙ୍କୁ ସେ ମଧ କଂଗ୍ରେସ ଦଳରେ ସମ୍ମାନଜନକ ପଦବୀରେ ବସାଇ ପାରି ନଥିଲେ। ଜିନ୍ନା ବୟସ ଓ ଜ୍ଞାନରେ ଜବାହାରଲାଲ୍ ନେହୁରୁଙ୍କ ଠାରୁ ଆଗରେ ଥିଲେ। ସେ ନେହୁରୁଙ୍କ ନେତୃତ୍ୱରେ କାମ କରିବା ପାଇଁ ଇଚ୍ଛୁକ ନଥିଲେ। ଏହି ସବୁ କାରଣରୁ ଅଗଷ୍ଟ ୧୫, ୧୯୪୭ ରେ ଭାରତକୁ ସ୍ୱାଧୀନତା ଆସିବା ପୂର୍ବରୁ, ଅର୍ଥାତ୍ ତା ପୂର୍ବଦିନ ଅଗଷ୍ଟ ୧୪, ୧୯୪୭ରେ ଭାରତର ବିଭାଜନ ଘଟିଥିଲା ଏବଂ ପାକିସ୍ତାନ ନାମରେ ଏକ ନୂତନ ରାଷ୍ଟ୍ର ଜନ୍ମ ଲାଭ କରିଥିଲା। ତେବେ ବିଖଣ୍ଡିତ ଭାରତରେ ଯେଉଁ ନେତାମାନେ ରହିଲେ ସେମାନେ ସେମାନଙ୍କର ଚିନ୍ତାଧାରାକୁ ଉନ୍ନତ ସ୍ତରକୁ ନେଇ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପରିଣତ କଲେ। ଏଥି ସହିତ ଭାରତବାସୀଙ୍କ ପାଇଁ ସେମାନେ ଏକ ଉନ୍ନତମାନର ସଂବିଧାନ ପ୍ରଣୟନ କଲେ। ସଂବିଧାନରେ ନାଗରିକମାନଙ୍କର ବହୁବିଧ ମୌଳିକ ଅଧିକାର ରଖାଯାଇଛି। ରାଷ୍ଟ୍ରର ନୀତିଗତ ଆଦର୍ଶ କିପରି ଉଚ୍ଚ ମାନର ହେବ ସେଥିପ୍ରତି ଧ୍ୟାନ ଦେଇ ସଂବିଧାନରେ "ଡ଼ାଇରେକେଟିଭ୍ ପ୍ରିନସ୍‌ପୁଲ୍‌ସ୍ ଅଫ୍ ଷ୍ଟେଟ୍ ପଲିସି" ନାଁରେ ଅନେକ ନୀତି ଆଦର୍ଶକୁ ଉଲ୍ଲିଖିତ କରାଯାଇଛି। ରାଜନୀତି ମୁଖ୍ୟତଃ ସଂବିଧାନର ଚର୍ତୁସୀମା ମଧ୍ୟରେ ପରିଚାଳିତ ହେବା ଦରକାର। ଗୋଟିଏ ସ୍ୱାଧୀନ ରଷ୍ଟ୍ରରେ ସାଧାରଣ ନାଗରିକଙ୍କର ବାକ୍ ସ୍ୱାଧୀନତା, ସଂଗଠନ ଗଢ଼ିବାର ଅଧିକାର, ନିର୍ବାଚନରେ ଅଂଶ ଗ୍ରହଣ କରିବାର ଅଧିକାର – ଏ ସମସ୍ତ କଥା ରହିବା ଉଚିତ୍। ପୁଂଜିବାଦୀ ଅର୍ଥନୀତି ଭାରତବାସୀଙ୍କ ଠିକ୍ ହେବ ନାହିଁ କିମ୍ବା ଭାରତକୁ ଏକ ଧାର୍ମିକ ରାଷ୍ଟ୍ରରେ ପରିଣତ କରାଯିବ ନାହିଁ – ଏ ସବୁ କଥାକୁ ବିଚାରକୁ ନେଇ ଭାରତ ସଂବିଧାନର ପ୍ରିଆମ୍ବଲ୍‌ରେ ବା ପ୍ରାକ୍‌କଥନରେ ୧୯୭୬ରେ ଉଲ୍ଲେଖ କରାଗଲା ଯେ ଭାରତ ଏକ ସମାଜବାଦୀ ଓ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇ ରହିବ। ଭାରତ ଏକ ଧାର୍ମିକ ରାଷ୍ଟ୍ର ହୋଇ ପାରିବ ନାହିଁ।

ବିବିଧା

ମାଛର ଉନ୍ନତ ପ୍ରଜାତି

[illegible]

ଲେଣ୍ଡି ଖତ

[illegible]

ଅଧ୍ୟାପିକାରୁ କୃଷି ଉଦ୍ୟୋଗୀ

କେଜିକୁ ୩ ଲକ୍ଷ ଟଙ୍କାରେ ବିକ୍ରି କରନ୍ତି ଛତୁ

[illegible]

[illegible]

ପ୍ରାଣୀ ସମ୍ପଦ ଉପରେ

ଜଳବାୟୁ ପରିବର୍ତ୍ତନର ପ୍ରଭାବ



[illegible]

[illegible]

[illegible]

ଏ ମାସର ଚାଷ

[illegible]

[illegible]

ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- [illegible]

[illegible]

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୨୦ ଡିସେମ୍ବର ୨୦୨୩

ନିରୀହ ଈଶ୍ୱର

ସେଦିନ ଆମ ସହରର ରାସ୍ତାକଡ଼ରେ ହଠାତ୍ ଦେଖା ହୋଇଗଲା ଈଶ୍ୱରଙ୍କ ସହିତ। ବୋଧହୁଏ ବ୍ୟାକୁଳ ହୃଦୟରେ କୌଣସି ଏକ ଭକ୍ତଙ୍କୁ ଅପେକ୍ଷା କରିଥିଲେ ସେ। ସମ୍ପୂର୍ଣ୍ଣ ଚୁପ୍‌ଚାପ୍। ସମାଧିସ୍ଥ ଯୋଗୀ ସନ୍ନ୍ୟାସୀ ପରି। ଶାନ୍ତ କାନ୍ତ ମୁଖମଣ୍ଡଳ। ମୁହଁରେ ତାଙ୍କର ଫୁଟି ଉଠୁଥିଲା ଅପୂର୍ବ ଏକ ଦ୍ୟୁତି, ଯେଉଁଥି ପାଇଁ ଈଶ୍ୱରଙ୍କୁ ଚିହ୍ନିବା ଖୁବ୍ ସହଜ ହୋଇ ଯାଇଥିଲା ମୋତେ। ଈଶ୍ୱରଙ୍କୁ ପାଖରେ ପାଇ ଖୁସିରେ ଉଛୁଳି ପଡ଼ିଲି ମୁଁ। ଆନନ୍ଦାତିଶୟରେ କୁଣ୍ଢେମୋଟ ହୋଇ ଯାଉଥିଲା ମୋ ହୃଦୟ। ଅକଳ୍ପନୀୟ, ଅବର୍ଣ୍ଣନୀୟ ଈଶ୍ୱରଙ୍କୁ ଏତେ ପାଖରୁ ଦେଖିବା ସୌଭାଗ୍ୟର ବିଷୟ। ମୋ ପରି ଜଣେ ହୀନ କପାଳିଆ ମଣିଷ ପ୍ରଭୁଙ୍କ ଦର୍ଶନ ପାଇଲେ ପାଗଳ ହୋଇଯିବା ନିଶ୍ଚିତ। ତେଣୁ ମୋ ଅଜାଣତରେ ତାଙ୍କର ଅତି ନିକଟକୁ ଯାଇ ଅଟକି ଗଲି ମୁଁ। ସଜଳ ନୟନରେ ତାଙ୍କର କର୍ପୂର ଗୌର ଶରୀରକୁ ଥରେ ଆଖି ପୂରେଇ ନିରେଖି ଚାହିଁଲି। ଦୁଇ ପାଦ ଛୁଇଁ ସାଷ୍ଟାଙ୍ଗ ପ୍ରଣିପାତ ହେଲି ଆଉ ଯୋଡ଼ହସ୍ତରେ ଥରଥର କଣ୍ଠରେ କହିଲି, 'ଆପଣଙ୍କ ଦର୍ଶନ ପାଇ ଧନ୍ୟ ହେଲି ପ୍ରଭୁ। ଜନ୍ମ ମୋର ସଫଳ ହୋଇଗଲା ଆଜି।' 'ଏତେ ଲୋକଙ୍କ ଭିଡ଼ ଭିତରେ ତୁମେ ମୋତେ ଚିହ୍ନି ପାରିଲ କେମିତି ? ରାସ୍ତାରେ ଏତେ ଲୋକ ଯିବା ଆସିବା କରୁଛନ୍ତି। କିଏ ଯାଉଛି ଦେବାଳୟ ତ କିଏ ଯାଉଛି ପାନଶାଳାକୁ। କାହିଁ, କେହି ଜଣେ ତ ମୋତେ ଚିହ୍ନି ପାରିଲେ ନାହିଁ ! ହେଲେ ତୁମେ କେମିତି ଚିହ୍ନି ପକେଇଲ ଯେ ମୋତେ, ତାହା ହିଁ ବିସ୍ମୟକର। କାହିଁକି ନା ମୁଁ ଏ ପର୍ଯ୍ୟନ୍ତ ଛଦ୍ମବେଶରେ ଅଛି ନା !'- ମୋତେ ଚାହିଁ ଏତିକି ପଚାରିଲା ବେଳକୁ ମୁରୁକୁନ୍ଦ ହସଟିଏ ଲାଖି ରହିଥିଲା ଈଶ୍ୱରଙ୍କ ରକ୍ତିମ ଅଧରରେ। 'ଭକ୍ତ ଆଉ ଭଗବାନଙ୍କ ସମ୍ପର୍କ ହିଁ ନିଆରା ପ୍ରଭୁ,' ମୁଁ କହିଲି, 'ଠିକ୍ ଗୋଟିଏ ମୋବାଇଲ୍ ଫୋନ୍ ପରି। ଟାୱାର୍ ପାଉଛି ତ ସମ୍ପର୍କ ଯୋଡ଼ି ହେବାରେ ବିଳମ୍ବ ହୁଏନାହିଁ। ନଚେତ୍ ଗୋଟେ ସୁନ୍ଦର ଖେଳନା ଛଡ଼ା ଅନ୍ୟ କିଛି ନୁହେଁ ଏଇ ମୋବାଇଲ୍ ଫୋନ୍। ଆଉ ଇଚ୍ଛା ଥିଲେ, ହୃଦୟରେ ଭକ୍ତିର ସହ ଦର୍ଶନର ଆବେଗ ଥିଲେ; ଈଶ୍ୱରଙ୍କ ସହିତ ଯୋଗାଯୋଗ ବ୍ୟାହତ ହେବ କେମିତି ? ତା'ପରେ ଆପଣ ହେଲେ ଇଚ୍ଛାମୟ। ଆପଣଙ୍କ ଇଚ୍ଛା ବିନା ଗଛର ପତ୍ରଟିଏ ବି ହଲିପାରେ ନାହିଁ। ସବୁ ଆପଣଙ୍କ ଦୟା ପ୍ରଭୁ ! ଆପଣଙ୍କ ଲୀଳା ମଧ୍ୟ ଅପରମ୍ପାର। ତାକୁ ବୁଝିବା ମୋ ପରି ଜଣେ ଅକିଂଚନ ମଣିଷ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ।' 'ଆଚ୍ଛା, ଏମିତି କଥା ?'- ହସ ହସ ମୁହଁରେ ଈଶ୍ୱର କହିଲେ, 'ମୁଁ ତୁମ ଭକ୍ତିରେ ଅତ୍ୟନ୍ତ ପ୍ରୀତ ହେଲି ବାବା। ତୁମ ଇଚ୍ଛା ଅନୁସାରେ ବର ମାଗିପାର। ତୁମେ ଯାହା ଚାହିଁବ, ମୁଁ ତୁମକୁ ଦେବାକୁ ପ୍ରସ୍ତୁତ ଅଛି ଆଜି।' 'ଜଗତ ଭଗତର ମଙ୍ଗଳ ପାଇଁ ମୁଁ ଯେତେବେଳେ ଯାହା ପ୍ରାର୍ଥନା କରିବି, ସେତକ ସଙ୍ଗେ ସଙ୍ଗେ ଫଳବତୀ ହେଉ ପ୍ରଭୁ। କିନ୍ତୁ ଅନ୍ୟର ଅମଙ୍ଗଳ ଚିନ୍ତାରେ ମୁଁ କରୁଥିବା ପ୍ରତିଟି କାମନା/ ପ୍ରାର୍ଥନା ନିରର୍ଥକ ହେଉଥାଉ ସଦାବେଳେ,' ପ୍ରାର୍ଥନା ମୁଦ୍ରାରେ ଯୋଡ଼ହସ୍ତରେ କହିଲି ମୁଁ। 'ତଥାସ୍ତୁ, ତଥାସ୍ତୁ, ତଥାସ୍ତୁ'- ଆନନ୍ଦରେ ଗଦ୍‌ଗଦ୍ ହୋଇ ଆଶୀର୍ବାଦ ମୁଦ୍ରାରେ ଦକ୍ଷିଣ ହସ୍ତ ପ୍ରସାରି ଈଶ୍ୱର କହିଲେ, 'ତୁମେ ଯାହା ଚାହୁଁଛ, ତାହା ହିଁ ହେବ ବତ୍ସ। ହେଲେ ଗୋଟିଏ କଥା ବୁଝି ପାରିଲିନି ମୁଁ? ଅନ୍ୟ ପ୍ରତି କରୁଥିବା ଅମଙ୍ଗଳ କାମନା ତୁମର ଫଳବତୀ ହେବନାହିଁ କାହିଁକି ? ତୁମେ କ'ଣ ବିରଳ ବ୍ୟତିକ୍ରମ ଏଇ ଜଗତରେ ? କି ରାଜା କି ପ୍ରଜା, କି ଧନୀ କି ଗରିବ; ଏଇ ଜଗତରେ ସମସ୍ତେ କାମନା କରନ୍ତି ଆପଣା ଆପଣାର ଶତ୍ରୁର ଅନିଷ୍ଟ। ଚାହିଁବା କଥା ମଧ୍ୟ। ପାଗଳ ହୋଇ ନଥିଲେ, କିଏ ବା କାହିଁକି ଶତ୍ରୁର ମଙ୍ଗଳ କାମନା କରିବ କହିଲ ? ହେଲେ ତୁମେ ତାହା ଚାହୁଁ ନାହଁ କାହିଁକି ?' 'କ୍ରୋଧ ସମୟରେ ମଣିଷର ହିତାହିତ ଜ୍ଞାନ ନଥାଏ ପ୍ରଭୁ ! ଶତ୍ରୁ-ମିତ୍ରର ଭେଦଭାବ ବି ଭୁଲି ହୋଇଯାଏ ସେତେବେଳେ। କ୍ରୋଧ ହେଉଛି ପରମ ଚଣ୍ଡାଳ ମହାବାହୁ। କ୍ଷଣିକ ପାଇଁ ଅନ୍ଧ କରିଦିଏ ମଣିଷକୁ। ଦେବତା, ମଣିଷମାନଙ୍କୁ ରାକ୍ଷସରେ ପରିଣତ କରିଦିଏ ଏଇ କ୍ରୋଧ। ଆହୁରି ମଧ୍ୟ ଜଗତର ପ୍ରତିଟି ଜୀବ ହେଉଛନ୍ତି ଆପଣଙ୍କ ଆତ୍ମଜ, ଅମୃତର ସନ୍ତାନ। ସେ ଦୃଷ୍ଟିରୁ ବିଚାର କଲେ ଶତ୍ରୁ- ମିତ୍ର, ସମସ୍ତେ ମୋ ଆପଣାର ଲୋକ, ପରମ ଆତ୍ମୀୟ। ଆଉ କୌଣସି ଏକ ଆତ୍ମୀୟର ଅନିଷ୍ଟ କାମନା କେବେ କ'ଣ କରିପାରେ ଜଣେ ସୁସ୍ଥ ମାନସିକତାର ମଣିଷ ? କେବେ ନୁହେଁ। ଯିଏ କରେ, ସେ ନିହାତି ଭାବେ ଜଣେ ନରାଧମ ହିଁ ହୋଇଥିବ। ଆଉ ମୁଁ ନରାଧମ ଭାବେ ଏଇ ଧରାରେ ଅଧିକ କାଳ ବଂଚି ରହିବାକୁ ଚାହେଁନା ହେ କରୁଣାମୟ। ଏଇ ମୃତ୍ୟୁଲୋକରେ ଯେତେ ଦିନ ବଂଚିଛି, ମଣିଷ ପରି ମଣିଷଟିଏ ହୋଇ ବଂଚି ରହିବାକୁ ଚାହେଁ ମୁଁ। ତେଣୁ ମୋ ଯୋଗୁଁ କାହାର ଅନିଷ୍ଟ ସାଧିତ ହେଉ, ଏତକ ମୁଁ ଚାହିଁ ପାରିବି କେମିତି ? ତା'ପରେ ମୁଁ ହେଉଛି ଆପଣଙ୍କ ଭକ୍ତ। ଆଉ ଆପଣ ହେଉଛନ୍ତି ସେଇ ଦେବତା, ଯିଏ କ୍ରୋଧରେ ବି ବର ପ୍ରଦାନ କରି ପକାନ୍ତି ଆପଣଙ୍କ ପ୍ରିୟ ଶତ୍ରୁମାନଙ୍କୁ ମଧ୍ୟ। ଏକଥା ମଧ୍ୟ ପଣ୍ଡିତମାନେ କହି ଯାଇଛନ୍ତି ଯେ 'ସୋହଂ' ମାନେ ଭକ୍ତ ଆଉ ଭଗବାନ, ଏକ ସମାନ। ଯେବେ ଏହି ସିଦ୍ଧାନ୍ତ ସତ, ତେବେ ମୁଁ ଅବା ଆପଣଙ୍କଠାରୁ ଭିନ୍ନ ହେବି କେମିତି ପ୍ରଭୁ ? ଆପଣଙ୍କ ପଦାଙ୍କ ଅନୁସରଣପୂର୍ବକ ଆପଣଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବି ନାହିଁ କାହିଁକି ?'- ଈଶ୍ୱରଙ୍କ ପଦ ଯୁଗଳକୁ ସଜଳ ନେତ୍ରରେ ଚାହିଁ ବିନୀତ ଭାବେ କହିଲି ମୁଁ। 'ହଉ, ହଉ। ହେଲା, ହେଲା। ମୁନି ବାକ୍ୟ କେବେହେଲେ ଅନ୍ୟଥା ହୁଏନାହିଁ', ଶାନ୍ତ ଅଥଚ ଗୁରୁ ଗମ୍ଭୀର ସ୍ୱରରେ ଈଶ୍ୱର କହିଲେ। କିଛି ସମୟ ମୌନ ରହି ପୁଣି କହିଲେ, 'ତୁମେ ଯେମିତି ଚାହୁଁଛ, ସେମିତି ହିଁ ହେବ ବାବା। ମୋ ଆଶୀର୍ବାଦରୁ ଆଜିଠୁ କେବେହେଲେ ଫଳବତୀ ହେବନାହିଁ ତୁମ ଅଭିଶାପ, ଅନ୍ୟ ପାଇଁ କରିଥିବା ଯେତେସବୁ ଅନିଷ୍ଟ କାମନା।' ଏତିକି କହିଲା ବେଳକୁ ମୁହଁରେ ତାଙ୍କର ଫୁଟି ଉଠୁଥିଲା ଏକ ଅଦୃଷ୍ଟପୂର୍ବ ଦ୍ୟୁତି। ବୋଧହୁଏ ମନେ ମନେ ସେ ଭାବୁଥିଲେ- 'ଏଇ ଭକ୍ତ ଜଣକ ଆସନ୍ତା କାଲି ଭଗବାନ ହୋଇଯିବ ନାହିଁ ତ ? ଠିକ୍ ମୋ ପରି, ଜଗତ ଭଗତକୁ ଭଲ ପାଉଥିବା ଜଣେ ନିରୀହ ଈଶ୍ୱର !'

ଚାଣକ୍ୟ : ଏକ ଅନୁଶୀଳନ (୨୫) ଯୁଦ୍ଧ- ୪

ଆକ୍ରମଣ କିମ୍ବା ପ୍ରତିରକ୍ଷା ପାଇଁ ପ୍ରଥମେ ଏକ ବସତି ସ୍ଥାପନ କରିବାକୁ ପଡ଼ିବ। ଯେଉଁ ଦିଗରୁ ଆକ୍ରମଣ ହେଉଛି ବା ହେବାର ଅଛି ତାକୁ ମୁହେଁଇ କ୍ୟାମ୍ପ କିମ୍ବା ବସତି ବସାଯାଏ। ଏହା ସ୍ଥାୟୀ ବସତି ନୁହେଁ, କିନ୍ତୁ କେତେଗୁଡ଼ିଏ ଦିଗକୁ ଧ୍ୟାନ ଦିଆଯାଏ। ସହର କିମ୍ବା ଦୁର୍ଗ କରିବାରେ ଯାହା ପ୍ରତିରକ୍ଷା ବ୍ୟବସ୍ଥା କରାଯାଏ, ଏଠାରେ ମଧ୍ୟ ସେଇ ଭଳି କରିବା ଦରକାର। ଏ ବିଷୟରେ ଅର୍ଥଶାସ୍ତ୍ର ଖଣ୍ଡ ଦଶ ଓ ପୃଷ୍ଠା ଏକରୁ ପାଂଚ ଏବଂ ଛଅରୁ ଦଶ, ଏଗାର, ବାର, ସତର, କୋଡ଼ିଏ ପୃଷ୍ଠାରେ ବିଶଦ ବିବରଣୀ ଦିଆଯାଇଛି। ବସତିକୁ ବର୍ଗାକାରରେ କରାଯାଏ। ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣରେ ଚାରୋଟି ଦ୍ୱାର ରହେ ଏବଂ ପ୍ରତ୍ୟେକ ଦ୍ୱାର ପାଖରେ ଗମ୍ବୁଜ ତିଆରି କରାଯାଏ। କେବଳ ବସତିର ଫାଟକରେ ନୁହେଁ, ଚାରି କୋଣରେ ଓ ମଝିରେ ମଝିରେ ଉଚ୍ଚ ଗମ୍ବୁଜ କରାଯାଏ। ସେତେବେଳେ ଦୂରବୀକ୍ଷଣ ଯନ୍ତ୍ର ନଥିଲା। ତେଣୁ ରାତ୍ରି ସମୟରେ ଶତ୍ରୁଙ୍କ ଆଗମନକୁ ଜାଣିବା ପାଇଁ ତାଲିମପ୍ରାପ୍ତ କୁକୁରଙ୍କୁ ବ୍ୟବହାର କରା ଯାଉଥିଲା। ତା' ବ୍ୟତୀତ ବଣ୍ୟ ଅଂଚଳର ଶିକାରୀ ଏବଂ ଗୁପ୍ତଚରଙ୍କୁ ପଠାଯାଏ। ଦୁର୍ଗ ଚାରିପାଖେ ଚଉଡ଼ା ଘାଇ କରା ଯାଇଥାଏ ଯେମିତିକି ହାତୀ, ଘୋଡ଼ା, କେହି ପଶି ପାରିବେ ନାହିଁ। ତା' ପୂର୍ବରୁ ସ୍ଥାନେ ସ୍ଥାନେ ଗାତ ଖୋଳା ହୋଇ ପତ୍ର, ଡାଳ ବିଛାଯାଏ। ମାଟି ପକେଇ ଦିଆଯାଏ। ରାତିବେଳା ଆସୁଥିବା ଶତ୍ରୁଙ୍କର ହାତୀ, ଘୋଡ଼ା, ରଥ ଏ ଖାଲରେ ପଡ଼ିବାର ସମ୍ଭାବନା ଥାଏ। ଖାଲ ପୂର୍ବରୁ ଅଳ୍ପ ଉଚ୍ଚର କାନ୍ଥ କରାଯାଏ ଏବଂ ତାକୁ ଘୋଡ଼ାଇ ଦିଆଯାଏ। ରାତିରେ ଦୌଡ଼ି ଆସୁଥିବା ଶତ୍ରୁ ପକ୍ଷ ଝୁ[ପଡ଼ିବେ, ଏହା ହିଁ ଥିଲା ଉଦ୍ଦେଶ୍ୟ। ତା' ପୂର୍ବରୁ କ[ା, କାଚଗୁଣ୍ଡ, ଲଗେଇ ଥିବା, କ[ାଗଛ ଇତ୍ୟାଦି ଥାଏ। ପାଠକମାନେ ଜାଣିଥିବେ ଯେ ଯେତେବେଳେ ମାଡ୍ରାସରୁ ବ୍ରିଟିଶ ସୈନ୍ୟବାହିନୀ ଗଞ୍ଜାମ ପଟୁ ଘୁମୁସର ଦଖଲ କରିବା ପାଇଁ ବାହାରିଲେ, ବାଉଁଶ ବଣ ଯୋଗୁଁ ପଶି ପାରିଲେ ନାହିଁ। ବାଉଁଶ ବଣ ଭିତରେ ଲୁଚିରହି ତୀର ମାରିହେବ ଏବଂ ବାଉଁଶ ବଣକୁ ଭେଦି ଯିବା ଭାରି କଷ୍ଟ। ବର୍ତ୍ତମାନ ଆସିବା ପ୍ରକୃତ ଅସ୍ଥାୟୀ ଦୁର୍ଗକୁ। ଉପର ବର୍ଣ୍ଣିତ ପୁସ୍ତକର ପୃଷ୍ଠା ଏଗାର ଓ ବାରରେ ଏହା ସୂଚେଇ ଦିଆଯାଇଛି। ଏଠାରେ ଆଉ ଏକ ବର୍ଗାକାର କାନ୍ଥ ଏବଂ ଦ୍ୱାର ସହିତ ଗମ୍ବୁଜ ରହିଛି। ମୁଖ୍ୟ ଦ୍ୱାରରୁ ଭିତର କାନ୍ଥର ଦୂରତା ଏତେ ଯେ ତୀର, ବର୍ଚ୍ଛା, ଫୋପଡ଼ ପହଂଚି ପାରିବ ନାହିଁ। ଏହାପରେ ତୃତୀୟ ଆୟତାକାର ସ୍ଥାନ- ଯାହାର କେନ୍ଦ୍ରରେ ରହିବେ ରାଜା। ରାଜାଙ୍କ ବାସସ୍ଥାନର ଲମ୍ବା ଶହେ ଧନୁଷ (ପ୍ରାୟ ଦୁଇଶହ ମିଟର) ଓ ଚଉଡ଼ା ପଚାଶ ଧନୁଷ (ପ୍ରାୟ ଶହେ ମିଟର)। ବାସସ୍ଥାନରୁ ଚାରି ଦିଗକୁ ରାସ୍ତା ଥାଏ ତାଙ୍କ ଗମନାଗମନର ସୁବିଧା ପାଇଁ। ତାଙ୍କ ବାସସ୍ଥାନର ଉପର ଡାହାଣରେ ଥାଏ ଗୋଦାମ ଯେଉଁଥିରେ ଚାଉଳ, ଡାଲି, ଗହମ, ମସଲା ଇତ୍ୟାଦି ଗଚ୍ଛିତ ରହେ। ବାମ ପଟ ଉପରକୁ ଜଙ୍ଗଲଜାତ ଦ୍ରବ୍ୟ ସହିତ ଚେରମୂଳ ଗଚ୍ଛିତ ହୁଏ। ବାମପଟ ତଳକୁ ଅସ୍ତ୍ରଶସ୍ତ୍ର ରଖାଯାଏ। ଡାହାଣ ପଟ ତଳକୁ ରୋଷେଇ ଶାଳ ଥାଏ। ରାଜାଙ୍କ ବାସସ୍ଥାନର ଠିକ୍ ଗଛକୁ ମନ୍ତ୍ରୀ, ଉପଦେଷ୍ଟା ଓ ପୁରୋହିତ ରହନ୍ତି। ତାଙ୍କ ପଛକୁ ରହନ୍ତି ମୁଖ୍ୟ ସେନାଧ୍ୟକ୍ଷ। ରାଜାଙ୍କ ପାଇଁ ହୋଇଥିବା ଦୁର୍ଗର ଡାହାଣ ପଟେ ରହନ୍ତି ବେପାରୀ, କାରିଗର ଓ ନର୍ତ୍ତକୀ। ତା' ପୂର୍ବରୁ ଯେତିକି ସ୍ଥାନ ଥାଏ, ସେଠାରେ ରଖାହୁଏ ରଥ। ରଥ ଉପରକୁ ଯେତିକି ସ୍ଥାନ ରହିଲା, ସେଇଠି ରଖାଯାଏ ପଦାତିକ ବାହିନୀ। ପଦାତିକ ବାହିନୀର ବାମ ପଟେ ରହନ୍ତି ବଳକା ସୈନ୍ୟବାହିନୀ। ତାଙ୍କ ପଛକୁ ରୁହନ୍ତି ଘୋଡ଼ା ଓ ସଇସମାନେ। ପଦାତିକ ବାହିନୀର ଆଗରେ ରହନ୍ତି ହସ୍ତୀମାନେ ଓ ହସ୍ତୀଙ୍କ ବାମ ପଟେ ରୁହନ୍ତି ଆକ୍ରମଣକାରୀ ସୈନ୍ୟମାନେ। ତାଙ୍କ ସାମ୍ନାରେ ରହନ୍ତି ମିଳିତ ସୈନ୍ୟବାହିନୀ ଏବଂ ବଣ୍ୟବାସୀମାନେ। ଏମାନେ ଦୁର୍ଗର ଚାରିପଟେ ବୁଲନ୍ତି। ସବୁଠାରୁ ପଛରେ ରହନ୍ତି ଶ୍ରମିକମାନଙ୍କର ସର୍ବୋଚ୍ଚ ଅଧିକାରୀ। ବଢ଼େଇ, କମାର, ସଇସ, ରଥ ଚାଳକ, ଖନନ କରିବା କାରିଗର ଇତ୍ୟାଦିଙ୍କ ଦାୟିତ୍ୱରେ ସେମାନେ ରୁହନ୍ତି। ଅସ୍ଥାୟୀ ବସତି ମଧ୍ୟରେ କଠୋର ଶୃଙ୍ଖଳା ରକ୍ଷା କରାଯାଏ। ଚାଳିଶ ଘଟାଂ ଗୁପ୍ତଚର ବାହିନୀ ଶତ୍ରୁର ଗୁପ୍ତଚରମାନଙ୍କୁ ଧରିବା ପାଇଁ ଚେଷ୍ଟିତ ରୁହନ୍ତି। ଯେଉଁମାନଙ୍କୁ ବାହାରକୁ ଯିବାକୁ ପଡ଼େ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ପାସ୍ ରହେ। ବିନା ପାସ୍‌ରେ ଯଦି କେହି ଯିବାକୁ ବା ଆସିବାକୁ ଚେଷ୍ଟା କରେ, ତାକୁ ଗିରଫ କରାଯାଏ। ବସତି ମଧ୍ୟରେ ଗଣ୍ଡଗୋଳ, ମଦ୍ୟପାନ, ଭୋଜି ବା ଜୁଆ ଖେଳ ସମ୍ପୂର୍ଣ୍ଣ ନିଷେଧ କରା ଯାଇଥିଲା। ଯେଉଁ ଶିବିର କଥା କୁହାଯାଉଛି, ତାହାକୁ ଯୁଦ୍ଧକ୍ଷେତ୍ରରୁ କିଛି ଦୂରରେ ରଖିବାକୁ ପଡ଼ିବ। କାରଣ ହଠାତ୍ ଆକ୍ରମଣ ହୋଇ ପାରିବ ନାହିଁ ଏବଂ ରାଜ୍ୟରୁ ଆବଶ୍ୟକ ଅନୁସାରେ ଅଧିକ ସୈନ୍ୟ, ଖାଦ୍ୟପଦାର୍ଥ, ହାତୀ, ଘୋଡ଼ା ଓ ଅସ୍ତ୍ରଶସ୍ତ୍ର ମଗେଇ ହେବ। ଯୁଦ୍ଧକ୍ଷେତ୍ର ଅନ୍ତତଃପକ୍ଷେ ଚାରି ପାଚଂ ଦିନ ଦୂରରେ ରହିବା କଥା। ତା'ହେଲେ ଗୁପ୍ତଚର ଯଥେଷ୍ଟ ଖବର ଆଣି ପାରିବେ। ସେମାନେ ଆଣିଥିବା ଖବର, ଅତୀତରେ ଶତ୍ରୁର ବ୍ୟବହାର ଓ ରଣନୀତି, ମନ୍ତ୍ରୀ ଏବଂ ଉପଦେଷ୍ଟାଙ୍କର ମତାମତ, ଜ୍ୟୋତିଷଙ୍କର ଦିନ ଓ ସମୟ ନିର୍ଦ୍ଧାରଣ, ସର୍ବୋପରି ରାଜ ପୁରୋହିତଙ୍କର ପୂଜା ଓ ଆଶୀର୍ବାଦ ପରେ ସୈନ୍ୟବାହିନୀକୁ ଆଦେଶ ଦିଆଯିବ ଆଗେଇବା ପାଇଁ। କେତେ ଗତିରେ ସୈନ୍ୟବାହିନୀ ଯିବ, ରାସ୍ତାରେ କେଉଁ ଗାଁମାନଙ୍କରେ ରହିବ, କେତେ ପରିମାଣରେ ଖାଦ୍ୟପଦାର୍ଥ ନିଆଯିବ ଏବଂ ସେଇ ଅନୁସାରେ ଶଗଡ଼ ନିୟୋଜିତ କରାଯିବ, ତା'ର ହିସାବ ଚାଣକ୍ୟ କହିଛନ୍ତି। ସେ କହିବା କଥା ଯେ ଖାଦ୍ୟ ଯେତିକି ଆବଶ୍ୟକ, ତା'ଠାରୁ ଦୁଇଗୁଣ ନେବ। ଯେଉଁ ଖାଦ୍ୟ ଶୀଘ୍ର ରନ୍ଧାଯାଇ ପାରିବ, ସେଇ ଖାଦ୍ୟ ନେବ। ଯେଉଁ ଗାଁମାନଙ୍କରେ ବହୁତ ଖାଦ୍ୟଶସ୍ୟ ଅଛି, ତା' ନିକଟରେ ଅସ୍ଥାୟୀ ଶିବିର ପକାଯିବା ଉଚିତ୍। ଗ୍ରାମବାସୀଙ୍କୁ ପ୍ରାପ୍ୟ ଦେବା ଉଚିତ୍। ଯଦି ଯୁଦ୍ଧକ୍ଷେତ୍ରକୁ ଅନେକ ବାଟ ଅଛି, ତନ୍ମଧ୍ୟରୁ ସବୁଠାରୁ ସୁବିଧା ଏବଂ ଚଉଡ଼ା ବାଟରେ ଯିବା ଉଚିତ୍। ଯାତ୍ରା ଆରମ୍ଭ ହୁଏ ଏଇଭଳି- ସବୁଠାରୁ ଆଗରେ ଯିବେ ସେନାଧ୍ୟକ୍ଷ। ତାଙ୍କ ପରେ ମଝିରେ ରହିବେ ରାଜା ଓ ତାଙ୍କ ପରିବାରବର୍ଗ, ତାଙ୍କ ପଛକୁ ରହିବେ ଅଶ୍ୱ ବାହିନୀ, ଅଙ୍ଗରକ୍ଷୀ। ତା'ପରେ ରହିବେ ହସ୍ତୀ ବାହିନୀ ଓ ସଂରକ୍ଷିତ ସୈନ୍ୟ। ସର୍ବ ଶେଷରେ ରହିବେ ମୁଖ୍ୟ ସେନାଧ୍ୟକ୍ଷ। ଯଦି ଆକ୍ରମଣ ସାମ୍ନାରୁ ହୁଏ, ତେବେ ସୈନ୍ୟବାହିନୀକୁ ମକର (କୁମ୍ଭୀର) ଆକାରରେ ଅର୍ଥାତ୍ ସାମ୍ନା ସରୁ ଏବଂ ତା'ପରେ ଆସ୍ତେ ଆସ୍ତେ ମୋଟା ଓ ତା'ପରେ ସରୁ ଲମ୍ବା ହେବ। କୁମ୍ଭୀର ଯେଭଳି ଲାଞ୍ଜକୁ ଦୁଇ ପଟେ ହଲେଇ ପିଟିଦିଏ, ସେଇ ଭଳି ସଂରକ୍ଷିତ ସୈନ୍ୟମାନେ ଶତ୍ରୁଙ୍କୁ ଦୁଇପଟୁ ଆକ୍ରମଣ କରିବେ। ଯଦି ଆକ୍ରମଣ ପଛପଟୁ ହୁଏ, ତା'ହେଲେ ଶଗଡ଼ ଆକାରରେ ପ୍ରତିହତ କରିବାକୁ ପଡ଼ିବ। ଶଗଡ଼ର ଯେଉଁ ଭଳି ଦୁଇଟା ଦଣ୍ଡା ଥାଏ, ସେଇ ଭଳି ସରୁ ଧାଡ଼ିରେ ଆକ୍ରମଣ କରି ସଂରକ୍ଷିତ ସୈନ୍ୟମାନେ ଏକା ସାଙ୍ଗରେ ଲଢ଼େଇ କରିବେ। ଯଦି ଶତ୍ରୁ ଦୁଇ ଦିଗରୁ ଆକ୍ରମଣ କରେ, ତେବେ ବଜ୍ର ଆକାରରେ ସଜେଇ ଲଢ଼େଇ କରିବାକୁ ପଡିବ। ବଜ୍ର ଯେଉଁଭଳି ହଠାତ୍ ମୁଣ୍ଡ ଉପରେ ପଡ଼େ, ସେଇ ଭଳି ଦୁଇ ପକ୍ଷରୁ ହୋଇଥିବା ଆକ୍ରମଣକୁ ପ୍ରତିହତ କରିବାକୁ ପଡ଼ିବ। ଯଦି ଶତ୍ରୁ ଚାରିଆଡୁ ଘେରିଯାନ୍ତି, ତେବେ ସର୍ବୋତଭଦ୍ର ରଣନୀତିରେ ଯୁଦ୍ଧ କରିବାକୁ ପଡ଼ିବ। ସୈନ୍ୟମାନଙ୍କୁ ଗୋଲାକାରରେ ସଜେଇ ଲଢ଼େଇ କରିବାକୁ ପଡ଼ିବ। ଯଦି ରାସ୍ତା ବହୁତ ସଂକୀର୍ଣ୍ଣ, ତେବେ ସୁଚି (ଛୁଚିଂ) ରଣନୀତିରେ ଅର୍ଥାତ୍ ଜଣେ ପରେ ଜଣେ ଯୁଦ୍ଧ କରିବେ। ଅର୍ଥଶାସ୍ତ୍ରର ଖଣ୍ଡ ଦଶ, ଅଧ୍ୟାୟ ଦୁଇ, ପୃଷ୍ଠା ବାର ଓ ତେରରେ ସୈନ୍ୟବାହିନୀ କେଉଁ ସମୟରେ କେଉଁ ରାସ୍ତାରେ ଓ କିଭଳି ପରିସ୍ଥିତିରେ ଦିନକୁ କେତେ ବାଟ ଯିବେ, ତାହା ଚାଣକ୍ୟ କହିଛନ୍ତି। ଦିନକୁ ଗୋଟିଏ ଯୋଜନ (ପନ୍ଦର କିଲୋମିଟର) ଥିଲା ସବୁଠାରୁ ଧୀର ଗତି। ସେହିଭଳି ଦେଢ଼ ଯୋଜନ ହେଲା ବାଇଶ ଓ ଅଧ କିଲୋମିଟର। ଏହାକୁ ମଧ୍ୟମ ଧରଣର ଗତି ବୋଲି କୁହା ଯାଉଥିଲା। ଶ୍ରେଷ୍ଠ ଗତି ଥିଲା ଦୁଇ ଯୋଜନ (ତିରିଶ କିଲୋମିଟର)। କିନ୍ତୁ ଅବସ୍ଥା ଦେଖି ଯାତ୍ରା ଓ ଗତି ନିର୍ଦ୍ଧାରଣ କରା ଯାଉଥିଲା। ଗତି ଧୀର ହୋଇଯାଏ କେତେଗୁଡ଼ିଏ କାରଣରୁ। ୧) ରାସ୍ତା ଯଦି ଖାଲ ଢିପ, ପଥୁରିଆ, କଂଟକପୂର୍ଣ୍ଣ ହୋଇଥାଏ। ୨) ଉପଯୁକ୍ତ ଋତୁକୁ ଯଦି ଅପେକ୍ଷା କରିବାକୁ ପଡ଼େ। ୩) ଯଦି ଅଧିକ ଅସ୍ତ୍ରଶସ୍ତ୍ର, ସୈନ୍ୟ ଓ ଅନ୍ୟାନ୍ୟ ଅଂଶ ଓ ଖାଦ୍ୟପଦାର୍ଥ ମଗା ହୋଇଥାଏ। ୪) ଯଦି ଗୁପ୍ତଚରମାନେ ଶତ୍ରୁ ଦେଶର ସୈନ୍ୟ ଓ ଉପସେନାପତିମାନଙ୍କୁ ବିଶ୍ୱାସଘାତକତା କରାଇବାରେ ସହଜରେ ପ୍ରବର୍ତ୍ତାଇ ପାରନ୍ତି ନାହିଁ। ୫) ଶତ୍ରୁ ପକ୍ଷ ଯଦି କିଛି ସାଂଘାତିକ ଭୁଲ୍ କରିବା ଆରମ୍ଭ କରନ୍ତି, ତେବେ ଅପେକ୍ଷା କରିବାକୁ ପଡ଼ିବ। ୬) ଯଦି ରାସ୍ତାରେ ଜଙ୍ଗଲ ପଡ଼େ, ବିଶେଷତଃ କଟାଂଗଛ ଥାଏ, ତାକୁ ଆଗତୁରା ଦଳ ପଠାଇ କାଟିବାକୁ ପଡ଼େ। ୭) ଯଦି କୌଣସି ମିତ୍ର ଦେଶ ଯୋଗ ଦେବାକୁ ସୈନ୍ୟବାହିନୀ ପଠାଏ, ତେବେ ଅପେକ୍ଷା କରିବାକୁ ପଡ଼ିବ। ୮) ଯଦି କୌଣସି ଶତ୍ରୁ ଦେଶ ଅପର ପକ୍ଷକୁ ସାହାଯ୍ୟ କରିବାକୁ ଆଗେଇ ଆସେ, ତେବେ ସେମାନଙ୍କ ସୈନ୍ୟବାହିନୀ ପହଂଚିବା ପୂର୍ବରୁ ଦ୍ରୁତ ବେଗରେ ଯାଇ ଯୁଦ୍ଧ ଆରମ୍ଭ କରିଦେବା କଥା। ଉପରୋକ୍ତ କାରଣ ଦ୍ୱାରା ବେଗ ନିର୍ଦ୍ଧାରଣ କରାଯାଏ। ବେଳେ ବେଳେ କେତେକ ବାଧା ଉପୁଜେ ଯଥା ନାଳ, କାଦୁଅ ଜମି, ହିଂସ୍ର ପଶୁଙ୍କ ଚଳପ୍ରଚଳ ଇତ୍ୟାଦି। ଅଣ ଓସାରିଆ ନାଳ ହୋଇଥିଲେ ବଡ଼ ବଡ଼ କାଠଗଣ୍ଡି ପକାଇ ପରସ୍ପରକୁ ରସିରେ ବାନ୍ଧି ପ୍ରଥମେ ହାତୀ, ତା'ପରେ ରଥ, ତା'ପରେ ଘୋଡ଼ା ଓ ତା'ପରେ ସୈନ୍ୟମାନେ ଯିବେ। ନଦୀଗୁଡ଼ିକୁ ଅତିକ୍ରମ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଥାଏ। ଯଦି ଶତ୍ରୁ ଗୋଟିଏ ସ୍ଥାନ ଦଖଲ କରି ନେଇଥାଏ, ତେବେ କିଛି ସୈନ୍ୟ ରଖି ସେମାନଙ୍କୁ ବାଜା ବଜେଇବା ଓ ପାଟିତୁଣ୍ଡ କରିବା ପାଇଁ କୁହାଯାଏ, ଯାହାଦ୍ୱାରା ଶତ୍ରୁମାନେ ଭାବିବେ ସେଇ ଦିଗରୁ ଆକ୍ରମଣ ହେଉଛି। କିନ୍ତୁ ଅନ୍ୟ ଏକ ସ୍ଥାନରେ ନଦୀ ପାର ହୋଇ ସେମାନଙ୍କୁ ପଛଆଡୁ ଆକ୍ରମଣ କରିବାକୁ ପଡ଼ିବ। ଆହୁରି ଅନେକ ବାଧା ଅଛି ଯାହାପାଇଁ ଉପଯୁକ୍ତ ବନ୍ଦୋବସ୍ତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ୧) ଘୋଡ଼ା, ବଳଦଙ୍କ ପାଇଁ ଯଥେଷ୍ଟ ପରିମାଣର ଦାନା ଅଭାବ। ୨) ପାଣି ଓ ତେଲର ଅଭାବ। ୩) ବହୁ ଦିନ ପର୍ଯ୍ୟନ୍ତ ଖାଲ ଢିପ ଥିବା ରାସ୍ତାରେ ଯାତ୍ରା କରିବା ଦ୍ୱାରା କ୍ଳାନ୍ତ ହେବା। ୪) କାଦୁଅ ରାସ୍ତା ଓ ପାଣି ଭିତର ଦେଇ ବାରମ୍ବାର ଯିବାଦ୍ୱାରା। ୫) ପାହାଡ଼କୁ ଚଢ଼ିବା ଓ ଓହ୍ଲେଇବା। ଯେତେବେଳେ ରୋମ୍ ଏବଂ କାର୍ଥେଜ୍ (ବର୍ତ୍ତମାନର ଟ୍ୟୁନିସିୟା) ମଧ୍ୟରେ ଯୁଦ୍ଧ ହେଉଥିଲା, ରୋମୀୟମାନେ ଭାବିଲେ ଯେ କାର୍ଥେଜ୍ ସୈନ୍ୟ କେବେ ଆଲପ୍‌ସ ପାହାଡ଼ ଡେଇଁ ଆସି ପାରିବେ ନାହିଁ। କିନ୍ତୁ ବିଶିଷ୍ଟ ଯୋଦ୍ଧା ହାନିବଲ ପାହାଡ଼ ଡେଇଁ ପହଂଚି ଯିବାରୁ ରୋମାନମାନେ ପରାଜିତ ହେଲେ। ୬) ପଦାତିକ ବାହିନୀ, ଅଶ୍ୱ ବାହିନୀ କିମ୍ବା ହସ୍ତୀ ବାହିନୀ ବାରମ୍ବାର ପୀଡ଼ିତ ରୁହନ୍ତି। ୭) ବହୁ ଦିନ ପର୍ଯ୍ୟନ୍ତ ମରୁଭୂମିରେ ଯାତ୍ରା କଲେ ମଣିଷ ଓ ଜୀବଜନ୍ତୁ ଦୁର୍ବଳ ହୋଇଯାନ୍ତି। ୮) କମ୍ପଜ୍ୱର, ଝାଡ଼ାବାନ୍ତି ରୋଗ ହେବା। ଉପରୋକ୍ତ ଅସୁବିଧା ଯଦି ଶତ୍ରୁ ପକ୍ଷରେ ଆରମ୍ଭ ହୁଏ, ତେବେ ତୁରନ୍ତ ଆକ୍ରମଣ କରିବା ଦରକାର। ନିଜର ଖାଦ୍ୟଶସ୍ୟ, ଶେଜ ଇତ୍ୟାଦିର ସଂଖ୍ୟା ଯଦି ଶତ୍ରୁ ପକ୍ଷ ଅନୁମାନ କରି ନିଅନ୍ତି, ତେବେ ସମୁଦାୟ ସେନାର ସଂଖ୍ୟା ମଧ୍ୟ ଜାଣିନେବେ। ତେଣୁ ସେସବୁ ଲୁଚେଇ ରଖିବା ଦରକାର।

ଅନ୍ଧ କାନ୍ଧରେ ଛୋଟା ବସିଛି

ଭାରତୀୟ ଷଡ଼ ଦର୍ଶନ ବିଶ୍ୱର ସବୁଠାରୁ ପ୍ରାଚୀନ। ମାନବ ଚେତନାର ଶ୍ରେଷ୍ଠ ଅଭିବ୍ୟକ୍ତି। ଋଷି କପିଳଙ୍କର ସାଂଖ୍ୟ, ମହର୍ଷି ପାତଞ୍ଜଳିଙ୍କର ଯୋଗ, ଋଷି ଜୈମିନୀଙ୍କର ପୂର୍ବ ମୀମାଂସା, ଋଷି ବାଦରାୟଣଙ୍କର ବେଦାନ୍ତ, ଋଷି ଗୌତମଙ୍କର ନ୍ୟାୟ ଓ ଋଷି କଣାଦଙ୍କର ବୈଶେଷିକ। ଷଡ଼ ଦର୍ଶନ ଶାସ୍ତ୍ର ଏପରି ବିଶାଳ ଓ ବିସ୍ତୃତ ଯେ ବୈଦିକ ବିଦ୍ୱାନଗଣ ଜୀବନ କାଳରେ ଏଗୁଡ଼ିକୁ ଟିକିନିଖି ବୁଝିବା ବଡ଼ ଦୁଷ୍କର। କିନ୍ତୁ ଯେଉଁମାନେ ମୁମୁକ୍ଷୁ ଏବଂ ଜୀବନର ରହସ୍ୟକୁ ଉଦ୍‌ଘାଟନ କରିବାକୁ ପ୍ରବଳ ପ୍ରୟାସୀ, ସେମାନେ ନିରନ୍ତର ଏହିସବୁ ଅମୂଲ୍ୟ ଶାସ୍ତ୍ରକୁ ପାଠ କରି ଜ୍ଞାନାଲୋକିତ ହୋଇଥାନ୍ତି। ପ୍ରତ୍ୟେକ ଦର୍ଶନର ଧାରଣା,ବିଶ୍ୱାସ, ନିୟମ, ପଦ୍ଧତି ଓ ମାର୍ଗ ଦୃଷ୍ଟିକୋଣରୁ ପରସ୍ପରଠାରୁ କେତେକ କ୍ଷେତ୍ରରେ ଭିନ୍ନ। କିନ୍ତୁ ଛଅଟିଯାକ ଦର୍ଶନର ଦିବ୍ୟଦ୍ରଷ୍ଟା ଋଷିମାନେ ବେଦର ବିଭିନ୍ନ ଅଂଶକୁ ବୁଝିବା ଓ ବୁଝାଇବା ପାଇଁ ନିଜ ନିଜର ଦିବ୍ୟଶକ୍ତି ଓ ସାଧନା ବଳରେ ଏହାକୁ ବିକଶିତ ଓ ପଦ୍ଧତିକରଣ କରି ସୂତ୍ର ଆକାରରେ ଆମକୁ ପ୍ରଦାନ କରି ଯାଇଛନ୍ତି। ସେଥିପାଇଁ ଆମେ କଥା କଥାକେ ନାନା ମୁନିଙ୍କର ନାନା ମତ ବୋଲି କହନ୍ତି। ଆମେ ଆଜି ସାଂଖ୍ୟ ଦର୍ଶନ ଉପରେ ସମ୍ୟକ୍ ଆଲୋକପାତ କରିବା। ଏହାର ସ୍ରଷ୍ଟା ହେଉଛନ୍ତି ମହର୍ଷି କପିଳ। ଏହା ଦ୍ୱୈତବାଦର ଦର୍ଶନ। ପୁରୁଷ ଓ ପ୍ରକୃତିର ଦର୍ଶନ। ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ବିବର୍ତ୍ତନର କଥା ଏହି ଦର୍ଶନରେ ବର୍ଣ୍ଣିତ। ସର୍ବମୋଟ ଦୁଇଟି ଜିନିଷ ଯଥା ପ୍ରକୃତି ଓ ପୁରୁଷର ବିଷୟ ଏଥିରେ ସନ୍ନିହିତ। ପ୍ରକୃତି ହେଉଛି ଶାଶ୍ୱତ ବା ଚିରନ୍ତନ (eternal)। ପୁଣି ପୁରୁଷ ବି ଶାଶ୍ୱତ ଓ ଚିରନ୍ତନ। ଅସୀମ ସଂଖ୍ୟକ ବ୍ୟକ୍ତିକ ପୁରୁଷଙ୍କର ସେବା ଉଦ୍ଦେଶ୍ୟରେ ପଦାର୍ଥ, ଜୀବନ ଓ ମନ ପ୍ରକୃତିରୁ ଜାତ ହେଇଛି। ପ୍ରକୃତି ସତ୍ୱ, ରଜ ଓ ତମ ଗୁଣ ଦ୍ୱାରା ଗଠିତ ଏବଂ କେବଳ ଗୁଣ ନୁହେଁ, ବରଂ ଏହାର ଅଧିଷ୍ଠାନ ମଧ୍ୟ। ପ୍ରକୃତି ମଧ୍ୟରେ ଏଗୁଡ଼ିକ ସାମ୍ୟ (equipoise) ଅବସ୍ଥାରେ ରୁହନ୍ତି, କିନ୍ତୁ ସେମାନଙ୍କ କାର୍ଯ୍ୟ ସର୍ବଦା ଅସ୍ୱାଭାବିକ। ପ୍ରକୃତି ନିରନ୍ତର ପରିବର୍ତ୍ତନଶୀଳ ଓ ଚଳଚଂଚଳ। ଚଂଚଳତା ହିଁ ଏହାର ମୁଖ୍ୟ ବୈଶିଷ୍ଟ୍ୟ। ଏହା ଅକାରଣ କାରଣ (uncaused cause) ଓ ପ୍ରଥମ ମୂଳ କାରଣ। ପ୍ରକୃତି ଜଡ଼ ଓ ଅଚେତନ, କିନ୍ତୁ ପୁରୁଷ ଚେତନ ଓ ଅକର୍ମା। ପ୍ରକୃତି ହିଁ ଜ୍ଞାତ (ଲଭଙ୍ଗଣଭ), କିନ୍ତୁ ପୁରୁଷ ହେଉଛି ଜ୍ଞାତା (knower)। ପ୍ରକୃତି ଆତ୍ମାର ଉତ୍‌ଥାନ କରି ପାରେନି କିମ୍ବା ନିଜର ବି ଉତ୍‌ଥାନ କରି ପାରିବନି। ସାଂଖ୍ୟ ଦର୍ଶନ ଉଭୟ ଭୌତିକବାଦ ଓ ଆଧ୍ୟାତ୍ମିକବାଦର ସମର୍ଥକ ନୁହେଁ। କିନ୍ତୁ ପୁରୁଷ ପାଇଁ ପ୍ରକୃତିର ବିବର୍ତ୍ତନ ଘଟେ। ପ୍ରକୃତିର ବିବର୍ତନ ହିଁ ପୁରୁଷର ଲକ୍ଷ୍ୟ, ଉପଲବ୍ଧି ଓ ମୋକ୍ଷର ଅଧୀନ। ପ୍ରକୃତିର ତିନୋଟି ଗୁଣ ତିନୋଟି ଦଉଡ଼ି ସଦୃଶ କାର୍ଯ୍ୟ କରେ। କାହିଁକି ନା ଏମାନେ ପୁରୁଷ ବା ଆତ୍ମାମାନଙ୍କୁ ସାଂସାରିକ ଜୀବନ କାର୍ଯ୍ୟରେ ବାନ୍ଧି ରଖନ୍ତି। ସେମାନଙ୍କୁ ଦେଖି ହୁଏନି, କିନ୍ତୁ ଅନୁମାନ କରିହୁଏ। ସୁଖ, ଦୁଃଖ ଓ ମୋହର ଗନ୍ତାଘର ହେଉଛି ପ୍ରକୃତି। ସତ୍ୱ ଗୁଣରୁ ଜ୍ଞାନର ଉଦୟ ଘଟେ। ଏହା ଉଜ୍ଜ୍ୱଳ, ଜ୍ଞାନମୟ, ନିର୍ମଳ, ବ୍ୟାଧିହୀନ ଓ ସୁଖପ୍ରଦ। ଜ୍ଞାନଶୀଳତା ଓ ସମତା ହେଉଛି ଏହାର ମୂଳ ନିୟମ। ଏହା ମଣିଷର ଜ୍ଞାନାର୍ଜନରେ ସାହାଯ୍ୟ କରେ। ଜୀବନର ସମସ୍ତ ପରିବର୍ତ୍ତନ ଓ ଅସ୍ଥିରତା ଭିତରେ ସମତା ଓ ସ୍ଥିରତା ରକ୍ଷା କରିବା ହିଁ ଏହି ସତ୍ୱ ଗୁଣର କାର୍ଯ୍ୟ। ଏହା ବି କର୍ମ ବନ୍ଧନର କାରଣ ହୋଇଥାଏ। କିନ୍ତୁ ଏହି ଗୁଣକୁ ମଣିଷ ଧରି ରଖି ପାରିଲେ ଆଧ୍ୟାତ୍ମିକ ବିକାଶ ସୁଗମ ହୁଏ ଏବଂ ସେ ଅତି ଶୀଘ୍ର ତିନୋଟିଯାକ ଗୁଣକୁ ଅତିକ୍ରମ କରି ପ୍ରକୃତି କବଳରୁ ମୁକ୍ତି ପାଇଯାଏ। ରଜ ଗୁଣରୁ କର୍ମ ପ୍ରବଣତା ଓ ଲୋଭ ଉତ୍ପନ୍ନ ହୁଏ। ଏହି ଗୁଣଟି ସବୁବେଳେ ମଣିଷକୁ ସୃଜନଶୀଳ କର୍ମ ପ୍ରବଣତାରେ ବୁଡ଼ାଇ ରଖେ। କାମନା ବାସନାର ଭାବପ୍ରବଣତା ଓ ବ୍ୟାକୁଳତା ମଧ୍ୟ ଏହି ଗୁଣରୁ ଜାତ ହୁଏ। ବସ୍ତୁର ପ୍ରାପ୍ତି ଓ ଅପ୍ରାପ୍ତି ପ୍ରତି ତୃଷ୍ଣା ଓ ଆସକ୍ତି ଏଥିରୁ ଜାତ ହୋଇଥାଏ। ପ୍ରତ୍ୟେକ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବା ଓ ଲୋକ ଦେଖାଣିଆ କାର୍ଯ୍ୟ କରି ତୁଚ୍ଛାଟାରେ ବାହାବା ନେବା ଇତ୍ୟାଦିରେ ଏପରି ରଜୋଗୁଣୀ ମଣିଷମାନେ ସଦା ବ୍ୟସ୍ତ ରହନ୍ତି। ଏପରି ଲୋକମାନେ ଭୟଙ୍କର ଭାବରେ କର୍ମ ବନ୍ଧନରେ ପଡ଼ନ୍ତି ଓ ଆଧ୍ୟାତ୍ମିକ ବିକାଶ ସମୟସାପେକ୍ଷ ଓ କଷ୍ଟସାଧ୍ୟ ହେଇଥାଏ। ତମ ଗୁଣରୁ ଅଜ୍ଞାନ ଜାତ ହୁଏ। ସ୍ଥାଣୁତ୍ୱ, ଆଳସ୍ୟ, ପ୍ରମାଦ, ଜଡ଼ତ୍ୱ ଭଳି ନକାରାତ୍ମକ ଆଚରଣରେ ମଣିଷ ବୁଡି ରହେ। ମନ ଓ ପ୍ରାଣରେ ମୋହ ଓ ଅବିବେକିତା ଆଶ୍ରୟ ନିଏ। ସର୍ବଦା ନିଜର କର୍ତବ୍ୟରେ ହେଳା କରେ। ଏହି ତମୋଗୁଣୀ ଲୋକଙ୍କ ଭିତରେ ସତ୍ୱ ଗୁଣର ସମତା ଓ ରଜୋ ଗୁଣର ଚଂଚଳତା ସୁପ୍ତ ରହିଥାଏ। ଏଭଳି ଲୋକଙ୍କର ଆଧ୍ୟାତ୍ମିକ ଉନ୍ନତି ଘଟେନି। ସେମାନେ ଅଜ୍ଞାନ ଅନ୍ଧକାରରେ ସଢ଼ନ୍ତି। ସମସ୍ତ ମନୁଷ୍ୟ ଭିତରେ ଏହି ତିନୋଟି ଗୁଣ କାର୍ଯ୍ୟ କରେ। ଶ୍ରୀ ରାମକୃଷ୍ଣ ପ୍ରକୃତିର ଏହି ତିନୋଟି ଗୁଣକୁ ବୁଝାଇ ସୁନ୍ଦର ଉପାଖ୍ୟାନଟିଏ ପ୍ରଦାନ କରିଛନ୍ତି। ଜଣେ ଧନୀ ଲୋକ ଜଙ୍ଗଲ ବାଟ ଦେଇ ଯାଉଥିଲା। ଏଇ ସମୟରେ ତିନି ଜଣ ଡକାୟତ ଆସି ତାକୁ ଘେରିଗଲେ ଓ ତାର ସର୍ବସ୍ୱ ହରଣ କଲେ। ସବୁ କାଢ଼ିକୁଢ଼ି ନେଇ ଜଣେ ଡକାୟତ କହିଲା, ଆଉ ଏହାକୁ ରଖି କ'ଣ ହେବ ? ମାରି ଦିଅ। ଏହା କହି ତାକୁ ହାଣିବାକୁ ଆସିଲା। ଦ୍ୱିତୀୟ ଡକାୟତ କହିଲା - ମାରିବା ଦରକାର ନାହିଁ। ଏହାର ଗୋଡ଼ ହାତ ସବୁ ବାନ୍ଧି ପକାଇ ଦିଅ। ତା'ହେଲେ ପୁଲିସକୁ ଖବର ଦେଇ ପାରିବନି। ଏହା କହି ତାକୁ ବାନ୍ଧି ଡକାୟତମାନେ ଚାଲିଗଲେ। କିଛିକ୍ଷଣ ପରେ ତୃତୀୟ ଡକାୟତଟି ଫେରି ଆସିଲା- ଆହା, ତୁମକୁ ଖୁବ୍ ବାଧୁଛି ନା ? ମୁଁ ତୁମର ବନ୍ଧନ ଖୋଲି ଦେଉଛି। ବନ୍ଧନ ଖୋଲିବା ପରେ ଲୋକଟିକୁ ସାଙ୍ଗରେ ନେଇ ଡକାୟତ ବାଟ ଦେଖାଇ ଦେଖାଇ ଚାଲିବାକୁ ଲାଗିଲା। ସରକାରୀ ରାସ୍ତା ପାଖକୁ ଆସି କହିଲା-ଏହି ବାଟରେ ଯାଅ, ଏବେ ତୁମେ ଅନାୟାସରେ ନିଜର ଘରକୁ ଯାଇ ପାରିବ। ଲୋକଟି କହିଲା- ସେ କି କଥା, ଆପଣ ମଧ୍ୟ ଚାଲନ୍ତୁ। ଡକାୟତଟି କହିଲା- ନା, ମୋର ସେଠାକୁ ଯିବାର ବାଟ ନାହିଁ, ପୁଲିସ ଧରିବ। ଏହା କହି ସେ ବାଟ ଦେଖାଇ ଚାଲିଗଲା। ପ୍ରଥମ ଡକାୟତଟି ତମ ଗୁଣ। ତମ ଗୁଣରେ ବିନାଶ ହୁଏ। ଦ୍ୱିତୀୟ ଲୋକଟି ରଜୋ ଗୁଣ। ରଜୋ ଗୁଣରେ ମନୁଷ୍ୟ ସଂସାରରେ ବଦ୍ଧ ହୁଏ, ନାନା କାର୍ଯ୍ୟରେ ଲାଗେ। ରଜୋ ଗୁଣ ଈଶ୍ୱରଙ୍କୁ ଭୁଲାଇ ଦିଏ। ତୃତୀୟ ଡକାୟତଟି ସତ୍ୱ ଗୁଣ। ସତ୍ୱ ଗୁଣ ହିଁ କେବଳ ଈଶ୍ୱରଙ୍କର ପଥ ଦେଖାଇ ଦିଏ। ଦୟା, ଧର୍ମ, ଭକ୍ତି- ଏସବୁ ସତ୍ୱ ଗୁଣରୁ ହୁଏ। ତ୍ରିଗୁଣାତୀତ ନହେଲେ ବ୍ରହ୍ମଜ୍ଞାନ ହୁଏନି।' ସାଂଖ୍ୟ ମତ ବିବର୍ତ୍ତନ ତତ୍ତ୍ୱକୁ ବିଶ୍ୱାସ କରେ। ଶୂନ୍ୟତାରୁ ବା ଈଶ୍ୱରଙ୍କଠାରୁ ଏହି ବୈଚିତ୍ର୍ୟମୟ ଜଗତ ସୃଷ୍ଟି ହୋଇନି, ବରଂ ଏହା ପ୍ରକୃତିରୁ ବିବର୍ତ୍ତିତ ହୋଇଛି। ଜଗତ ହିଁ ଅଚେତନ ଏବଂ ଚିରନ୍ତନ ଓ ଅଖଣ୍ଡ ପୁରୁଷ (ଆତ୍ମାମାନଙ୍କୁ)କୁ ଏହା ରୂପାନ୍ତର ବା ବଦଳାଇ ପାରିବନି। ପ୍ରକ୍ଷେତି ଓ ବିକୃତି ହେଉଛି ପ୍ରକୃତିର କାର୍ଯ୍ୟ। ପ୍ରକୃତି ମହତ ବା ବ୍ରହ୍ମାଣ୍ଡୀୟ ବୁଦ୍ଧି (ମଂକ୍ଷଶ୍ୱଙ୍କସମ ସଭଶ୍ଚରକ୍ଷକ୍ଷରମଣ୍ଡ)କୁ ରୂପାନ୍ତରିତ ହୁଏ। ମହତ ରୂପାନ୍ତରିତ ହୁଏ ଅହଙ୍କାରରେ (cosmic egoism)। ଅହଙ୍କାର ପୁଣି ମନ ସହିତ ପାଚେଂଟି କର୍ମେନ୍ଦ୍ରିୟ ଓ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଭଳି ପାଚେଂଟି ଜ୍ଞାନେନ୍ଦ୍ରିୟକୁ ରୂପାନ୍ତରିତ ହୁଅନ୍ତି ଏବଂ ପୁଣି ପାଂଚଟି ସୂକ୍ଷ୍ମ ତନ୍ମାତ୍ରାକୁ ରୂପାନ୍ତର ହୁଅନ୍ତି। ପାଚେଂଟି ସୂକ୍ଷ୍ମ ତନ୍ମାତ୍ରା ଆକାଶ, ବାୟୁ, ଅଗ୍ନି, ଜଳ ଓ ମାଟି ଭଳି ପାଚେଂଟି ସ୍ଥୂଳ ମହାପଂଚଭୂତରେ ପରିଣତ ହୁଅନ୍ତି। ସାଂଖ୍ୟ ଦର୍ଶନ ପୁରୁଷକୁ ମିଶାଇ ବାସ୍ତବତା (ଜରବକ୍ଷସତ୍ପଚ) ଅର୍ଥାତ୍ ପରମସତ୍ୟର ଏହି ପଚିଶଟି ତତ୍ତ୍ୱକୁ କେବଳ ସ୍ୱୀକାର କରିଥାଏ। ଜଗତର ସମସ୍ତ କାରଣ ଓ ପରିଣାମ ସହିତ ପୁରୁଷର ବିଲକୁଲ ସମ୍ପର୍କ ନାହିଁ। ପ୍ରକୃତି ହେଉଛି ସ୍ୱୟଂ କାରଣ, କିନ୍ତୁ କାହାର ପରିଣାମ ନୁହେଁ। ପୁରୁଷ ଏକବାରେ ପ୍ରକୃତିଠାରୁ ଅଲଗା ଅର୍ଥାତ୍ ପରସ୍ପର ବିପରୀତଧର୍ମୀ। ପ୍ରକୃତି ହେଉଛି ଜ୍ଞାନର ବସ୍ତୁ ଓ ପୁରୁଷ ଜ୍ଞାତା। ପ୍ରକୃତି ସଦା ଚଂଚଳ, ପୁରୁଷ ଅଚଂଚଳ। ପ୍ରକୃତି ଉତ୍ପାଦନ-କ୍ଷମ, ପୁରୁଷ କିଛି ବି ଉତ୍ପାଦନ କରି ପାରିବନି। ପ୍ରକୃତି ଗୋଟିଏ, କିନ୍ତୁ ପୁରୁଷ ଅନେକ। ସାଂଖ୍ୟ ପୁରୁଷର ଶୁଦ୍ଧତା ଓ ଜ୍ଞାନାଲୋକକୁ ସ୍ୱୀକାର କରେ ଏବଂ ଶରୀର, ମନ, ବୁଦ୍ଧି ଓ ଅହଙ୍କାର ଭଳି ଭୌତିକ ବିଷୟବସ୍ତୁରୁ ଏହାକୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ମତ ଦିଏ। ମୁକ୍ତି ବା ମୋକ୍ଷ ସମ୍ବନ୍ଧରେ ସାଂଖ୍ୟ ଦର୍ଶନ କହେ ଯେ ପୁରୁଷ ବା ଆତ୍ମା ହେଉଛି ସବୁବେଳେ ଚିରନ୍ତନ, ଜ୍ଞାନାଲୋକିତ, ଶୁଦ୍ଧ ଓ ମୁକ୍ତ। ପ୍ରକୃତି ତାକୁ ଆବଦ୍ଧ କରି ରଖିଛି। ଯେହେତୁ ପୁରୁଷ ପ୍ରକୃତିର ବନ୍ଧନରେ ପଡ଼ିଛି, ତେଣୁ ସ୍ୱୟଂକୁ ପ୍ରକୃତିଠାରୁ ଭିନ୍ନ ବୋଲି ଭାବି ପାରୁନି। ପ୍ରକୃତି ସଂସ୍ପର୍ଶରେ ଆସି ପୁରୁଷ ଯେଉଁ ଭୌତିକ ସୁଖ, ଦୁଃଖ, ମୋହକୁ ଶ୍ରେଷ୍ଠ ବୋଲି ଭାବେ, ତାହା ଦିନେ ଅନ୍ତର୍ହିତ ହୋଇଯିବ। ଏହାର ସମୂଳେ ବିନାଶ ଦ୍ୱାରା ମୁକ୍ତି ବା ମୋକ୍ଷ ସମ୍ଭବ। ବିବେକ, ବୈରାଗ୍ୟ ଓ ଜ୍ଞାନ ଦ୍ୱାରା ପୁରୁଷ ଯେଉଁ ଦିନ ଉପଲବ୍ଧି କରିବ ଯେ ପ୍ରକୃତିର ମାୟା ଦ୍ୱାରା ସେ ବନ୍ଧିତ, ତେବେ ଯାଇ ତା'ର ମୁକ୍ତି ହେବ। ସଂକ୍ଷେପରେ କହିଲେ ଏତିକି ହେବ ଯେ ଭୌତିକ ଓ ମାନସିକ ଦୁଃଖର ବିନାଶ ଦ୍ୱାରା ମୋକ୍ଷ ପ୍ରାପ୍ତିର ତନ୍ତ୍ର ଏହି ନାସ୍ତିକ ଦ୍ୱୈତ ସିଦ୍ଧାନ୍ତରେ ବର୍ଣ୍ଣିତ ହୋଇଛି। ପୁରୁଷ ଓ ପ୍ରକୃତିର ଦ୍ୱୈତବାଦରେ ବିଶ୍ୱାସ ରଖିଥିବା ଏହି ଦର୍ଶନରେ ଈଶ୍ୱରଙ୍କର ଅସ୍ତିତ୍ୱ ନାହିଁ। ଏହି ତନ୍ତ୍ରଟି ଅତ୍ୟନ୍ତ ଆକର୍ଷଣୀୟ ତଥା ବିଜ୍ଞାନଭିତ୍ତିକ। ଜଡ଼ ଓ ଅଚେତନ ପ୍ରକୃତିକୁ ପୁରୁଷ ହିଁ ଗତିଶୀଳ କରିବା ଓ ନିର୍ଦ୍ଦେଶ ଦେବାରେ ଯଥେଷ୍ଟ ସକ୍ଷମ, ଯାହା ଫଳରେ ପ୍ରକୃତି ପୁରୁଷର ଦିଗ୍‌ଦର୍ଶନରେ ଜଗତର ରୂପ ଅଭିବ୍ୟକ୍ତ ହୋଇ ପାରିଛି। ଗୋଟିଏ ଉଦାହରଣ ଦେଲେ ଆମେ ବୁଝି ପାରିବା- ପ୍ରକୃତି ହେଉଛି ଅନ୍ଧ ଓ କର୍ମଚଞ୍ଚଳ। କେବଳ ନିଜର ନିୟମ ଦ୍ୱାରା କାର୍ଯ୍ୟ କରେ। ଗୋଟିଏ ଶିଶୁ ଯଦି ନିଆଁକୁ ଛୁଏଁ, ତା'ର ହାତ ପୋଡ଼ିଯିବ। ପୁରୁଷ ହେଉଛି ଚେତନ, କିନ୍ତୁ କିଛି କାର୍ଯ୍ୟ କରିବାକୁ ଅକ୍ଷମ। ସେ ଛୋଟା, ଚାଲି ପାରିବନି। ତେଣୁ ସେହି ଛୋଟା ଲୋକଟି ଅନ୍ଧ କାନ୍ଧ ଉପରେ ବସି କର୍ମ କରୁଛି। ସୁତରାଂ, ସାଂଖ୍ୟ ଦର୍ଶନକୁ ଆମେ ଅନ୍ଧ ଓ ପଙ୍ଗୁ ଉପାଖ୍ୟାନ ଦ୍ୱାରା ବୁଝିବାକୁ ସହଜ ହୁଏ। କିନ୍ତୁ ସାଂଖ୍ୟ ଦର୍ଶନର କେତେକ ଅନୁଗାମୀ ଗୋଷ୍ଠୀ ବିଶ୍ୱାସ କରନ୍ତି ଯେ ଈଶ୍ୱର ସମ ଏକ ପରମସତା (ସୁପ୍ରିମ ବିଙ୍ଗ୍)ର ଅସ୍ତିତ୍ୱ ଅଛି, ଯିଏ ନିଜର ଇଚ୍ଛା ଦ୍ୱାରା ସ୍ୱାଧୀନ ଭାବରେ ପ୍ରକୃତିକୁ ଗାଇଡ୍ କରନ୍ତି। ମାୟା ଦ୍ୱାରା ସୃଷ୍ଟି ସମ୍ଭବ ବୋଲି ଧାରଣାକୁ ଏହି ଦର୍ଶନ ସମ୍ପୂର୍ଣ୍ଣ ଖଣ୍ଡନ କରେ, କିନ୍ତୁ କେବଳ ଆନନ୍ଦପୂର୍ଣ୍ଣ ଦିବ୍ୟତା (Bliss and Divinity)କୁ ବିଶ୍ୱାସ କରେ, ଯାହାକୁ ସାଧନା ଦ୍ୱାରା କେବଳ ପ୍ରାପ୍ତି କରିହେବ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela-15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

ସମ୍ବଲପୁର ସମାଚାର

ଏସଡିଏର ପୂର୍ବତନ ପ୍ଲାନିଂ ମେମ୍ବର ଓ କର୍ମଚାରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ODISHA VIGILANCE

ସମ୍ବଲପୁର,୧୯/୧୨(ନି/ପ୍ର): ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (ଏସଡିଏ)ର ପୂର୍ବତନ ପ୍ଲାନିଂ ମେମ୍ବର ଓ ଜଣେ କର୍ମଚାରୀଙ୍କ ଘରେ ପଶିଛି ଭିଜିଲାନ୍ସ। ଉଭୟଙ୍କର ବୁର୍ଲାରେ ଥିବା ଘରେ ଚଢ଼ଉ ଚାଲିଛି। ସୂଚନା ଅନୁଯାୟୀ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟର ପୂର୍ବତନ ପ୍ଲାନିଂ ମେମ୍ବର ବନ୍ଦିତା ମହାପାତ୍ର ଓ କନିଷ୍ଠ କିରାଣି ଲକ୍ଷ୍ମୀ ନାରାୟଣ ସାମଲଙ୍କ ଘରେ ଚଢ଼ଉ ଜାରି ରହିଛି। ପୂର୍ବତନ ପ୍ଲାନିଂ ମେମ୍ବର ବନ୍ଦିତା ମହାପାତ୍ରଙ୍କ ଘର ସମେତ ୬ଟି ସ୍ଥାନରେ ଚଢ଼ଉ ଚାଲିଥିବା ବେଳେ କନିଷ୍ଠ କିରାଣି ଲକ୍ଷ୍ମୀ ନାରାୟଣ ସାମଲଙ୍କ ଘରେ ମଧ୍ୟ ଚଢ଼ାଉ ହେଉଛି। ଲକ୍ଷ୍ମୀ ନାରାୟଣଙ୍କ କାର୍ଯ୍ୟାଳୟ ସହ କ୍ୱାର୍ଟର ଓ ବାସଭବନରେ ଚଢ଼ଉ ହୋଇଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଉଭୟଙ୍କ ଘରେ ଚାଲିଥିବା ଚଢ଼ଉରେ ୬ ଡିଏସପି, ୯ ଇନ୍ସପେକ୍ଟର ଓ ୬ ଜଣ ଏଏସଆଇ ନିୟୋଜିତ ହୋଇଛନ୍ତି। ଏନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି। ଉଲ୍ଲେଖଯୋଗ୍ୟ, ଗୃହ ନିର୍ମାଣ ପ୍ଲାନ ଠକେଇରେ ଏହି ସଂସ୍ଥାର ପ୍ଲାନିଂ ମେମ୍ବର ବନ୍ଦିତା ମହାପାତ୍ରଙ୍କଠାରୁ ଆରମ୍ଭ କରି ୪ ଜଣ କର୍ମଚାରୀଙ୍କ ସହିତ ସେମାନଙ୍କ ଠକ ଗ୍ୟାଙ୍ଗର ଅନ୍ୟ ୩ ଜଣ ସଦସ୍ୟ ବି ଗିରଫ ହୋଇଥିଲେ।ଏସ୍ ?ଡିଏ କର୍ମଚାରୀ ଲକ୍ଷ୍ମୀନାରାୟଣ ସାମଲ ଓରଫ୍ ବୁଲୁ(୩୨), ଷ୍ଟେ ?ନୋ ସୁଧାଂଶୁ ପତି ଏବଂ ସେମାନଙ୍କୁ ସହଯୋଗ କରୁଥିବା ୩ ଜଣ ବାହାରିଆ ବ୍ୟକ୍ତି ବିକାଶ ଜଗତ, ଉମ୍ବରୁଧର ତ୍ରିପାଠୀ ଓ ଅଜୟ ବେହେରାଙ୍କୁ ପୁଲିସ ପ୍ରଥମ ପର୍ଯ୍ୟାୟରେ ଗିରଫ କରିଥିଲା। ଏହି ମାମଲାର ତଦନ୍ତ ବେଳେ ଯିଏ ପ୍ଲାନ୍ ଜାଲିଆତି କରାଯାଉଥିବା ନେଇ ଥାନାରେ ଏତଲା ଦେଇଥିଲେ, ଏସ୍‌ଡିଏ ପ୍ଲାନିଂ ମେମ୍ବର ତଥା ମହାନଗର ନିଗମର ସିଟି ପ୍ଲାନର ଦାୟିତ୍ୱରେ ଥିବା ବନ୍ଦିତା ମହାପାତ୍ରଙ୍କ ସହିତ ଆର୍କିଟେକ୍ଟ ମାନସ ଚଇନିଙ୍କୁ ବି ପୁଲିସ ଗିରଫ କରିଥିଲା।

କୁହୁଡ଼ିର ବଳୟ ଭିତରେ ଘୁ.ଉଦୟଗିରି:

ଘୁ.ଉଦୟଗିର,୧୯/୧୨(ନି/ପ୍ର): କିଛି ଦିନ ହେଲା କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ସହର ଥଣ୍ଡାର ସହର ଭାବେ ଓଡ଼ିଶାରେ ପରିଚିତ ରହିଥିବା ବେଳେ ଦିନକୁ ଦିନ ପାରଦ ତଳମୁଁହା ହେବା ସହ ଥଣ୍ଡାର ପ୍ରକୋପ ବଢ଼ିବାରେ ଲାଗିଛି। ଏବେ ପ୍ରବଳ ଥଣ୍ଡା ସହ ଜାଡ଼ ଆରମ୍ଭ ହୋଇଯାଇଛି।

ଏହାସହ ଶନିବାର ସକାଳୁ ପ୍ରବଳ କୁହୁଡ଼ିର ବଳୟ ଭିତରେ ସାରା ଅଂଚଳ ଆଚ୍ଛାଦିତ ହୋଇରହିବା ଯୋଗୁଁ ରାସ୍ତାରେ ଯାନବାହନ ଯାତାୟତ କରିବା ସମ୍ଭବପର ନଥିଲା। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନର ରାତି ତାପାମାତ୍ରା ହ୍ରାସ ପାଇଥିବାବେଳେ ୮.୩ ଡିଗ୍ରି ସହ ସୁନ୍ଦରଗଡ଼ର କିରେଇ ସବୁଠାରୁ ଥଣ୍ଡା ଅଂଚଳ ପାଲଟିଛି। କନ୍ଧମାଳର ଜି.ଉଦୟଗିରି ରେ ୮.୪ ଡିଗ୍ରୀ, ଫୁଲବାଣୀରେ ୮.୫ ଡିଗ୍ରି, କୋରାପୁଟରେ ୯.୫ ଡିଗ୍ରି, ଭଦ୍ରକ ରାଣିତାଲରେ ୯.୬ ଡିଗ୍ରି, ରାଉରକେଲାରେ ୯.୮ ଡିଗ୍ରି, ସମ୍ବଲପୁର, ଅନୁଗୁଳ, କେନ୍ଦୁଝର, ସୁନ୍ଦରଗଡ, ଦାରିଙ୍ଗବାଡ଼ିରେ ୧୦ ଡିଗ୍ରି ଓ ଝାରସୁଗୁଡ଼ାରେ ୧୦.୨ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ବର୍ତ୍ତମାନ ରାଜ୍ୟ ଉପରେ କୌଣସି ପ୍ରକାର ସିଷ୍ଟମ ନଥିବାରୁ ଉତ୍ତରା ପବନ ରାଜ୍ୟକୁ ପ୍ରବେଶ କରୁଚି। ଫଳରେ ଥଣ୍ଡା ଅନୁଭୂତ ହେଉଛି। ଆସନ୍ତା ୫ ଦିନ ଯାଏଁ ଏଭଳି ଥଣ୍ଡା ଲାଗି ରହିବ। ସେପଟେ ଟ୍ୱିନ ସିଟିରେ ପାରଦ ୧୩ଡ଼ିଗ୍ରି ଛୁଇଁଛି। ଚଳିତ ସିଜିନରେ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ତାପମାତ୍ରା ୧୩ ଡ଼ିଗ୍ରି ଛୁଇଁଛି। ଆଜି ଭୁବନେଶ୍ୱରରେ ୧୩.୨ ଡ଼ିଗ୍ରି ଓ କଟକ ରେ ୧୩.୫ ଡ଼ିଗ୍ରି ସର୍ବନିମ୍ନ ରାତ୍ରି ତାପମାତ୍ରା ରେକର୍ଡ ହୋଇଛି। ଆଗାମୀ ୪ରୁ ୫ ଦିନ ଯାଏଁ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ପ୍ରବଳ କୁହୁଡି ଯୋଗୁଁ ରାସ୍ତା ଦେଖାନଯିବା ଯୋଗୁଁ ଗାଡ଼ି ଚାଳକମାନେ ନିଜ ଗାଡ଼ି ଗୁଡ଼ିକ ରାସ୍ତାକଡ଼ରେ ରଖିଦେଇଥିବା ଦେଖିବାକୁ ମିଳିଥିଲା। ବହୁ ଗାଡ଼ି ଚାଳକ କୁହୁଡ଼ି ଯୋଗୁଁ ଦୁର୍ଘଟଣା ଆଶଙ୍କା କରି ସୁରକ୍ଷିତ ଭାବେ ରାସ୍ତାକଡ଼ରେ ଗାଡ଼ିକୁ ରଖିଦେଇ ବିଶ୍ରାମ କରିଥିଲେ। ଯିଏବି ରାସ୍ତାରେ ଗାଡ଼ି ଚଳେଇ ଯାଉଥିଲେ ଧୀରେଧୀରେ ଆଗକୁ ବଢୁଥିବା ଦେଖିବାକୁ ମିଳିଥିଲା। କୁହୁଡ଼ି ସହ ପ୍ରବଳ ଥଣ୍ଡାର ପ୍ରକୋପ ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ଅନ୍ୟପକ୍ଷରେ ଓଡ଼ିଶାର ସବୁଠାରୁ ଥଣ୍ଡା ସହର ଘୁ.ଉଦୟଗିରି ଚର୍ଚ୍ଚାରେ ରହିବା ପରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ଭୋରରୁ କୁହୁଡ଼ିର ମଜା ସହ ଥଣ୍ଡାର ମଜା ଉଠାଉଛନ୍ତି ପର୍ଯ୍ୟଟକ। ସହରର ବିଭିନ୍ନ ସ୍ଥାନରେ ନିଆଁ ଲଗେଇ ଲୋକ ବସି ଖଟି କରୁଥିବା ବେଳେ ଗ୍ରାମାଂଚଳରେ କାଠଗଣ୍ଡି ଲଗେଇ ନିଆଁ ପାଖରେ ବସି ଥଣ୍ଡା ଦାଉରୁ ରକ୍ଷା ପାଉଛନ୍ତି ଲୋକେ। ଗତ ସପ୍ତାହେ ହେଲା ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଥିବା ଏବଂ ସବୁଠାରୁ ଅଧିକ ଥଣ୍ଡା ସହର ଭାବେ ଘୁ.ଉଦୟଗିରି ରହିଆସିଛି। ଆଜି ସହରର ତାପମାତ୍ରା ୮.୪ଡିଗ୍ରି ରହିଥିବା ବେଳେ ଥଣ୍ଡା ପବନ ବୋହିବା ଯୋଗୁଁ ଥଣ୍ଡାର ପ୍ରକୋପ ବଢ଼ିଛି।

କଲମପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

କଲମପୁର,୧୯/୧୨(ନି/ପ୍ର): କଲମପୁର ବ୍ଲକ୍ ଅଫିସ୍ ପରିସରରେ ଥିବା ଏସ୍‌ଜିଏସ୍‌ୱାଇ ମିଟିଂ ହଲ୍‌ରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବିଭିନ୍ନ ସମସ୍ୟା ଥିବା ଅଭିଯୋଗ ୭୪ଟି, ଆବାସ ଘର ପାଇଁ ୭୬ ଏବଂ ଭତ୍ତା ପାଇଁ ୮ ଜଣ ମୋଟ୍ ୧୫୮ଟି ଅଭିଯୋଗ ଆସିଥିଲା। ବିଡିଓ ବିଜୟ ମାଡାଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଏହି ଶିବିରରେ କଳାହାଣ୍ଡି

ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଳାଷ ଜି, ଏଡିଏମ୍ ତନ୍ମୟ ଦରୱାନ, ଉପଜିଲ୍ଲାପାଳ ବିରଂଚି ନାରାୟଣ ଦରୱାନ, ସିଡିଏମ୍‌ଓ ଡା. ସୁଚେତା ପାଣି, ସମିତି ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ତହସିଲଦାର ସ୍ମରଣିକା ତୁଳ, ବିଇଓ ମଧୁସ୍ମିତା ନାଏକ, ଡିପିଓ ପ୍ରହଲ୍ଲାଦ ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡିଆରସିଏସ, ସିଏସ୍‌ଓ, ଜିଲ୍ଲା ଶ୍ରମ ଅଧିକାରୀ, ଡିଏସ୍‌ଏସ୍‌ଓ, ଏସ୍‌ଡିପିଓ ଧୀରଜ ଚୋପଦାରଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଉପସ୍ଥିତ ରହିଥିଲେ। ବ୍ଲକ୍‌ର ସିଡିପିଓ ପ୍ରତିମାରାଣୀ ଦାସ, ବିଏସ୍‌ଏସ୍‌ଓ କ୍ଷିତିସୁତା ମେହେର, ଜିପିଇଓ ଜିତେନ୍ଦ୍ର କୁମାର, ଏମ୍‌ଆଇ ଦେବଧର ଧାରୁଆ, ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ସେଠୀଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀ, ସରପଂଚ, ସମିତି ସଭ୍ୟ ଉପସ୍ଥିତ ରହିଥିଲେ।

ଦୁଇ ଜଣଙ୍କୁ ଦଳି ମାରିଲା ଦନ୍ତା

ଭେଡ଼େନ,୧୯/୧୨(ନି/ପ୍ର): ବରଗଡ଼ ଜିଲ୍ଲା ଭେଡ଼େନ ଥାନା ଅଂଚଳରେ ରବିବାର ଏକ ଦନ୍ତାହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଗାଇସିଲାଟ୍ ବ୍ଲକ୍ କଠଉମାଲ ଗାଁର ସେବଲାଲ ସୁନା (୫୦ବର୍ଷ) ଓ ଭେଡ଼େନ ବ୍ଲକ୍ ? ଦେଶଭଟଲି ପଂଚାୟତ ବିଶିପାଲି ଗାଁର ବଳରାମ ସାହୁ (୨୫ବର୍ଷ)। ସୂଚନା ଅନୁସାରେ, ଅତାବିରା ବ୍ଲକ୍ ସ୍ୱର୍ଣ୍ଣା ଛକରୁ ଭେଡ଼େନ ବ୍ଲକ୍ ସଂକ୍ରୀଡ଼ା ପଂଚାୟତ ଝର୍ନିଆଟିକ୍ରା ପର୍ଯ୍ୟନ୍ତ ମାଇନର କେନାଲ କାମ ଚାଲୁଛି। ଜଣେ ଠିକାଦାରଙ୍କ ଅଧୀନରେ ଗତ ୭ ତାରିଖ ଗାଇସିଲାଟ କଠଉମାଲର ୧୬ ଜଣ ଓ କନ୍ଧମୁଡ଼ାର ୫ ଜଣ ସମୁଦାୟ ୨୧ ଜଣ ଲୋକ ଆସି ଶ୍ରମିକ ଭାବେ ଝର୍ନିଆଟିକ୍ରା ଗ୍ରାମରେ ରହି କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଲୋକ ଭୋରରୁ ଶୌଚ କରିବାକୁ ଯାଇଥିଲେ। ସ୍ଥାନୀୟ ଡୁଙ୍ଗୁରିରେ ଏକ ଦନ୍ତାହାତୀ ବୁଲୁଥିବା ଦେଖି ୩ ଜଣ ଦୌଡ଼ି ପଳାଇ ଆସିଥିଲେ। ହେଲେ ସେବଲାଲ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ସେବଲାଲଙ୍କୁ କିଛି ମିଟର ପର୍ଯ୍ୟନ୍ତ ଘୋଷାଡ଼ି ଘୋଷାଡ଼ି ଟାଣି ନେଇ ଦଳିଚଟକି ମାରିଦେଇଥିଲା। ଏହା ଜାଣି ଅନ୍ୟ ଲୋକେ ଚିତ୍କାର କରିବାରୁ ହାତୀଟି ଝରାପାଲି, ଲୋଇସିରା, ସାଲନା, ପଥର୍ଲା, ଦେଶଭଟଲି, ବିଶିପାଲି ଆଦି ଗ୍ରାମ ଦେଇ ପଳାଇ ଯାଉଥିଲା। ଏହି ସମୟରେ ସକାଳ ୧୦ଟାରେ ବିଶିପାଲି ଗାଁର ବଳରାମ ସାହୁ ନିଜ କ୍ଷେତରେ ଧାନ କାଟୁଥିଲେ। ଉକ୍ତ ହାତୀଟି ବଳରାମଙ୍କୁ ଟେକି ନେଇ କିଛି ଦୂର ଗଲା ପରେ ତାଙ୍କୁ ମଧ୍ୟ କଚାଡ଼ି ଦଳି ଦେଇଥିଲା। ଖବର ପାଇ ଭେଡ଼େନ

ଓ ରଷ୍ଣୁଡ଼ା ପୁଲିସ ଏବଂ ବନ ବିଭାଗ କର୍ମଚାରୀମାନେ ଝର୍ନିଆଟିକ୍ରା ଓ ବିଶିପାଲିରେ ପହଂଚି ମାଜିଷ୍ଟ୍ରେଟ୍ ଭାବେ ତସିଲଦାର ନେପାଳଚନ୍ଦ୍ର ମୁଣ୍ଡାଙ୍କ ଉପସ୍ଥିତିରେ ଦୁଇ ଜଣଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲେ। ମୃତ ସେବଲାଲଙ୍କ ତିନି ପୁଅ ମଧ୍ୟ ଏଠାରେ ରହି କାମ କରୁଥିଲେ। ସେହିପରି ମୃତ ବଳରାମ ବାପା ମା'ଙ୍କ ଏକ ମାତ୍ର ପୁଅ ଥିଲେ। ବନ ବିଭାଗ ହାତୀକୁ ମହାନଦୀ ପାରି କରାଇ ଧମା ପଟକୁ ଘଉଡ଼ାଇ ଦେଇଛି। କିଛି ଲୋକ ଏକ ହାତୀ ପଲକୁ ଦେଖିଥିବା ମଧ୍ୟ ପ୍ରକାଶ କରିଛନ୍ତି। କିଛି ସ୍ଥାନରେ ବନ ବିଭାଗର ୫୦ରୁ ଅଧିକ କର୍ମଚାରୀ ସ୍ଥିତିକୁ ନିରୀକ୍ଷଣ କରୁଥିବା ଜଣାପଡ଼ିଛି। ବନବିଭାଗର ସମ୍ବଲପୁର ଆର୍‌ସିସିଏଫ୍, ବରଗଡ଼ ଡିଏଫ୍‌ଓ, ରେଞ୍ଜର ଆରତୀ ନେଗୀ, ଫରେଷ୍ଟର ଲୋକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସରପଂଚ ତୋଷବନ୍ତ ସାହୁ, ସନତ ସେଟ, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ଚାଷୀଗିରି ନଇ, ସୁଶାନ୍ତ ସାହୁ ପ୍ରମୁଖ ହାତୀ ଘଉଡ଼ାଇବାରେ ସାହାଯ୍ୟ କରିଥିଲେ। ଖବରପାଇ ବରଗଡ଼ର ଜଣାଶୁଣା ସମାଜସେବୀ ଡା. ରାମକୃଷ୍ଣ ପୁରୋହିତ ଝର୍ନିଆଟିକ୍ରା ଓ ବିଶିପାଲିକୁ ଯାଇ ମୃତକଙ୍କ ପରିବାରକୁ କେମିତି ସରକାରୀ ସହାୟତା ମିଳିବ ସେ ବିଷୟରେ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ବନ ବିଭାଗକୁ ଏକ ଡ୍ରୋନ୍ କ୍ୟାମେରା ଦିଆଯିବାକୁ ସେ ଦାବି କରିଛନ୍ତି।

୫-ଟି ଅଧକ୍ଷଙ୍କ କେନ୍ଦ୍ରାପଡ଼ା ଗସ୍ତ: 'ସାରା ଓଡ଼ିଶାକୁ ରୋଜଗାର ଯୋଗାଇବ କେନ୍ଦ୍ରାପଡ଼ା'

କେନ୍ଦ୍ରାପଡ଼ା,୧୯/୧୨(ନି/ପ୍ର) : କେନ୍ଦ୍ରାପଡ଼ା ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଭାରି ଭଲ ପାଆନ୍ତି। ଜାପାନ ଗସ୍ତରେ ଯିବା ବେଳେ କେନ୍ଦ୍ରାପଡ଼ା କଥା ମୁଖ୍ୟମନ୍ତ୍ରୀ ୧୫ ଥର ଉଠାଇଥିଲେ। ସେଥିପାଇଁ ଏବେ କେନ୍ଦ୍ରାପଡ଼ାକୁ ଶିଳ୍ପ ଆସୁଛି। ପୃଥିବୀର ସବୁଠୁ ବଡ଼ ଇସ୍ପାତ କାରଖାନା ଆର୍ସେଲର ମିତ୍ତଲ ଓ ନିପନ ସଂସ୍ଥା କେନ୍ଦ୍ରାପଡ଼ାରେ ଶିଳ୍ପ କରିବାକୁ ଯାଉଛନ୍ତି। ଶିଳ୍ପ ହେଲେ ୨୦ ହଜାରରୁ ଅଧିକ ବେକାର ଯୁବକଯୁବତୀ ନିଯୁକ୍ତି ପାଇବେ। ସାରା ଓଡ଼ିଶାକୁ କେନ୍ଦ୍ରାପଡ଼ା ରୋଜଗାର ଯୋଗାଇବ। ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା ପାଇଁ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ୫-ଟି ଅଧକ୍ଷ ତଥା 'ଆମ ଓଡିଶା ନବୀନ ଓଡିଶା'ର ଅଧକ୍ଷ ଭି. କାର୍ତ୍ତିକେୟନ ପାଣ୍ଡିଆନ ଏହା କହିଛନ୍ତି। ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ବିଜୁ ବାବୁଙ୍କ କର୍ମଭୂମି ହେଉଛି କେନ୍ଦ୍ରାପଡ଼ା। ସେଥିପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାର ଉନ୍ନତି ପାଇଁ ଅହରହ ଉଦ୍ୟମ କରୁଛନ୍ତି। ବିରୋଧୀ ଏହାକୁ ସହ୍ୟ କରିପାରୁନାହାନ୍ତି। ଘରେ ଯେମିତି କିଛି ଛୁଆ ଶୋଇବାର ଅଭିନୟ କରି ଯେତେ ଉଠାଇଲେ ବି ଉଠନ୍ତି ନାହିଁ, ଏମାନେ ମଧ ସେମିତି ଉଠନ୍ତି ନାହିଁ। ସେମାନଙ୍କୁ ସେମିତି ଶୋଇବାକୁ ଦିଆଯାଉ ବୋଲି କଟାକ୍ଷ କରିଥିଲେ ପାଣ୍ଡିଆନ। ସେ ଆହୁରି କହିଲେ ଯେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଆନ୍ତର୍ଜାତିକ ସମ୍ମାନ ହାସଲ କରିଛି। ଏକଦା ଦେବାଳିଆ ସ୍ଥିତିରେ ଥିବା ଓଡ଼ିଶା ୨୦୧୧ମସିହାରୁ ବଳକା ଖାଦ୍ୟ ରାଜ୍ୟ ରୂପେ ପରିଗଣିତ ହୋଇ ଆସୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରତି ମାସରେ ଦେଢ଼ ଲକ୍ଷ ପରିବାର ଉପକୃତ ହେଉଛନ୍ତି। ସେମାନଙ୍କ ପିଛା ସରକାର ୨୬୦କୋଟି ଟଙ୍କା ଖର୍ଚ୍ଚ କରୁଛି। ସ୍କୁଲ୍, କଲେଜ, ମଠ, ମନ୍ଦିର, ମସଜିଦ୍, ଚର୍ଚ୍ଚ ସମେତ ଐତିହ୍ୟସ୍ଥଳୀ ଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ଚାଲୁ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ସମସ୍ତ ହାଇସ୍କୁଲ୍ ଓ କଲେଜର ରୂପାନ୍ତରଣ କରାଯାଉଛି। ୫୦ପ୍ରତିଶତ କାମ ସରିଲାଣି। ବାକି କାମ ଆସନ୍ତା ଦୁଇ ମାସ ଭିତରେ ସରିବ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ସେହିଭଳି ବଳଦେବଜିଉ ମନ୍ଦିର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଅନୁଦାନ ଦେଇଛନ୍ତି। ଆଗକୁ ମଧ ଏହାର ରୂପାନ୍ତର ପାଇଁ ପଦକ୍ଷେପ ନିଆଯିବ।

ରାଜପଥ ପାଲଟିଛି ଚାଷୀଙ୍କ ଧାନଖଳା

ଦଶପଲ୍ଲା,୧୯/୧୨(ନି/ପ୍ର): ଚାଷୀ ଜମିରୁ ଧାନକାଟି ନିଜ ବାଡ଼ି ବା ଖଳାକୁ ନେବା ପରିବର୍ତ୍ତେ ରାଜପଥ ଉପରେ ଗଦାଇ ରଖୁଛନ୍ତି। ରାଜପଥକୁ ମଡ଼ାଇ ଏସବୁ ଧାନ ଗଦାଇ ରଖା ଯାଉଥିବା ବେଳେ ଯାତାୟାତ ସମୟରେ ନାନା ସମସ୍ୟା ଉପୁଜୁଛି। ରାତିର ଅନ୍ଧାରରେ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ଖାଲି ସେତିକି ନୁହେଁ, ସେସବୁ ଧାନକୁ ଆଉ ଖଳାକୁ ନନେଇ ମେସିନ୍ ମାଧ୍ୟମରେ ରାଜପଥ ଉପରେ ବେଙ୍ଗଳା କରାଯାଉଛି। ଫଳରେ ଧୂଳିଧୂସ

ଉଡ଼ିବା ଦ୍ୱାରା ରାଜପଥରେ ଯାତାୟାତ କରିବା କଷ୍ଟକର ହୋଇ ପଡୁଛି। ଏହାପରେ ସେସବୁ ପାଳକୁ ଗାଇଗୋରୁଙ୍କୁ ଖାଇବାକୁ ଦେବା ପରିବର୍ତ୍ତେର୍ନ୍ତ ଚାଷୀ ଜମିରେ ନିଆଁ ଲଗାଇ ଦେଉଛନ୍ତି ଏବଂ ସେଥିରୁ ବାହାରୁଥିବା ପ୍ରଚୁର ଧୂଆଁ ପରିବେଶ ପ୍ରଦୂଷଣ କରୁଛି। ଦଶପଲ୍ଲା-ଗଣିଆ ରାସ୍ତା ହେଉ କି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ରାସ୍ତାରେ ଦେ ?ନିକ ଏଭଳି ଘଟଣା ଘଟୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଏଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହେଉଛି।

ରୋଗୀ ସଂଖ୍ୟା ବୃଦ୍ଧି ନହେଲେ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ଅସମ୍ଭବ

ଜି ଉଦୟଗିରି,୧୯/୧୨(ନି/ପ୍ର): କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତମ ସହର ହୋଇ ଥିଲେ ମଧ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ କ୍ଷେତ୍ରରେ ଅଗ୍ରଗତି, ହୋଇ ପାରୁନାହିଁ। ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରୁ ସ୍ପଷ୍ଟ ହୋଇଛି। ପୂର୍ବରୁ ସରକାରଙ୍କ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ଆମ ହସ୍ପିଟାଲ ଯୋଜନା, ୫ଟି ରୂପାନ୍ତରଣ ଓ ଟ୍ରମାକେୟାର ସେଂଟର୍ ସମ୍ପର୍କରେ ସାମ୍ବାଦିକ ରାମକୃଷ୍ଣ ଚୌଧୁରୀ ଉପବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଜିଲ୍ଲାର ଦ୍ୱିତୀୟ ବୃହତମ ସହରରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ସହଜରେ ଅନୁମାନ କରି ହେଉଛି। ସ୍ୱାସ୍ଥ୍ୟ ଅଧିକାରୀ ରତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ସାଲୁଗ। ପ୍ରଧାନ ଅନ୍ୟତମ ଅତିଥି ଭାବେ ପଂଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ, ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥି ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥଲେ। ଜି ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସୁବିଧା ନଥିବାରୁ ରୋଗୀ ସଂଖ୍ୟା କମୁଛି ବୋଲି ସୂଚନା ମିଳିଛି।

ଶୀତ ଋତୁର ରୋଗ ସଂପର୍କିତ ସଚେତନତା

ଆଠଗଡ,୧୯/୧୨(ନି/ପ୍ର): ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯୋରନ୍ଦା ସେକ୍ଟରର ଗାଁ କଲ୍ୟାଣ ସମିତି ସମୁହ ଆନୁକୁଲ୍ୟରେ ରାଜନଗର ପଂଚାୟତର ବନଖଣ୍ଡି ଗ୍ରାମରେ ଶୀତଋତୁର ବିଭିନ୍ନ ରୋଗ ସଂପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ବହୁମୁଖୀ ପରିଦର୍ଶକ ମହମ୍ମଦ ଅସଲମ ସଂଯୋଜନା କରି ଶୀତଋତୁରେ

ଦେଖାଯାଉଥିବା ବିଭିନ୍ନ ରୋଗ ସଂପର୍କରେ ଆଲୋକପାତ କରିବା ସହ ଏଥିରୁ କିପରି ରକ୍ଷା ମିଳିବ ସେ ବିଷୟରେ ବୁଝାଇଥିଲେ। ଶୀତ ଋତୁରେ ବିଶେଷ କରି କାଛୁ କୁଣ୍ଡିଆ, ଚର୍ମରୋଗ, ଶ୍ୱାସନଳୀ ସଂକ୍ରମଣ, ନିମୋନିଆ, ଥଣ୍ଡା, କାଶ ଓ ଜ୍ୱର ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବା ପାଇଁ ସେ ବିସ୍ତୃତ ଭାବେ ବୁଝାଇଥିଲେ। ସତର୍କତା ଓ ସଚେତନତା ଏହି ରୋଗରୁ ରକ୍ଷା କରିବ ବୋଲି ଶ୍ରୀ ଅସଲମ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ସୁଜାତା ଲେଙ୍କା, ଅଙ୍ଗନବାଡି କର୍ମୀ ମଧୁସ୍ମିତା ପ୍ରଧାନ, ଆଶାକର୍ମୀ ଉର୍ବଶୀ ପରିଡା ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଯୋଗଦେଇ ସହଯୋଗ କରିଥିଲେ।

ଦ୍ୱାରଶୁଣି ଘାଟିରେ ଦୁର୍ଘଟଣା; ୧୦ ପୁଲିସ ଆହତ

କଳାବାଡିଆ,୧୯/୧୨(ନି/ପ୍ର): ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ସୋମବାର ପୁଲିସ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୦ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। କରଞ୍ଜିଆରୁ ବାରିପଦା ଆସୁଥିବା ପୁଲିସ ରିଜର୍ଭର ଏକ ଭ୍ୟାନର ବ୍ରେକ୍ ଫେଲ୍ ହେବାରୁ ଟ୍ରକ୍ ସହିତ ଧକ୍କା ହୋଇଥିଲା ବୋଲି ଜଣାପଡ଼ିଛି। ସମସ୍ତଙ୍କୁ ବାଙ୍ଗିରିପୋଷି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ କେହି ଗୁରୁତର ନଥିବା ସୂଚନା ମିଳିଛି ।

ସଞ୍ଜବତୀରେ ପୋଡ଼ି ହୋଇ ଦୁଇ ମହିଳା ଗୁରୁତର

ଖଣ୍ଡଗିରି,୧୯/୧୨(ନି/ପ୍ର) : ଗତ ଦୁଇ ଦିନ ଭିତରେ ପୃଥକ ସ୍ଥାନରେ ସଞ୍ଜବତୀରେ ପୋଡ଼ି ହୋଇ ଦୁଇ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର

ହୋଇଥିବା ମହିଳା ହେଲେ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଂଚାୟତ ରାଧାଚରଣପୁର ଗ୍ରାମର ରାଜଶ୍ରୀ ବେହେରା (୨୩) ଓ ସଚଳ ସାମନ୍ତରାୟ (୭୩)। ସଞ୍ଜ ଦେବା ସମୟରେ ଲୁଗାରେ ନିଆଁ ଲାଗି ଯାଇଥିଲା। ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଗତ ଶନିବାର ଧନୁ ସଂକ୍ରାନ୍ତି ଥିଲା। ରାଜଶ୍ରୀ ଚଉଁରା ପାଖରେ ସଞ୍ଜ ଦେଇ ମୁଣ୍ଡିଆ ମାରିବା ସମୟରେ ତାଙ୍କ ଲୁଗା କାନିରେ ନିଆଁ ଲାଗି ଯାଇଥିଲା।। ପ୍ରାୟ ୫୦ ପ୍ରତିଶତ ସେ ପୋଡ଼ି ଯାଇଥିଲେ। ତାଙ୍କ ପାଟି ଶୁଣି ପରିବାର ଲୋକ ଆସି ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ। ସେହିଭଳି ରବିବାର ବୃଦ୍ଧା ସଚଳ ଠାକୁର ଘରେ ସନ୍ଧ୍ୟା ଆଳତୀ କରୁଥିଲେ।

ରାଉରକେଲାରେ ଡାଇରିଆ ସ୍ଥିତି ନିୟନ୍ତ୍ରିତ

ରାଉରକେଲା ,୧୯/୧୨ (ନି/ପ୍ର): ରାଉରକେଲାରେ ଗତ ଏକ ସପ୍ତାହ ହେଲା ବ୍ୟାପିଥିବା ଡାଇରିଆ ସ୍ଥିତି ଚିନ୍ତା ଜନକ ରହିଛି। ସରକାରୀ ଭାବେ ଛଅ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବେସରକାରୀ ସୂତ୍ରରୁ ଏହି ସଂଖ୍ୟା ଅଧିକ ହେବ ବୋଲି କୁହାଯାଉଛି। ବିଭିନ୍ନ ହସ୍ପିଟାଲରେ ୨୫୦ ରୁ ଉର୍ଦ୍ଧ୍ୱ ଡାଇରିଆ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ କେବଳ ସରକାରୀ ଡାକ୍ତରଖାନାରେ ୧୪୨ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ତନ୍ମଧ୍ୟରେ ୧୨ ଜଣ ଶିଶୁ ମଧ ରହିଛନ୍ତି। ଡାଇରିଆର କାରଣ ଜଳ ଜନିତ ହୋଇଥିବା ଆରଜିଏଚ ରେ ଡାଇରେକ୍ଟର ଇନଚାର୍ଜ ସୁଧାରାଣୀ ପ୍ରଧାନ କହିଥିବା ବେଳେ ୱାର୍ଟକୋ କର୍ତ୍ତୃପକ୍ଷ ପାନୀୟ ଜଳର ମାନ ଠିକ ଥିବା କହିଛନ୍ତି। ତେବେ ସହରରେ ୩୭ଟି ସ୍ଥାନରେ ପାଇପ ଫାଟିଥିବା ବେଳେ ୩୫ ଟି ସ୍ଥାନରେ ମରାମତି ସରିଛି ବୋଲି ୱାର୍ଟକୋ ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ସୋମବାର ସନ୍ଧ୍ୟାରେ ରାଉରକେଲା ମହାନଗର ନିଗମ କମିଶନର ଡାଇରିଆ ସ୍ଥିତି ଉପରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସରକାରୀ ଡାକ୍ତରଖାନାରେ ୧୦ ଜଣ ଅତିରିକ୍ତ ଡାକ୍ତରଙ୍କ ସହ ୨୦ ଜଣ ଷ୍ଟାଫ ନର୍ସ ରୋଗୀ ସେବା କରୁଥିବା କୁହାଯାଇଛି। ଏହାଛଡା ବିଭିନ୍ନ ବସ୍ତି ଏରିଆ ତଥା ଡାଇରିଆ ପ୍ରଭାବିତ ଏରିଆରେ ତୁରନ୍ତ ଚିକିତ୍ସା ସେବା ଦେବା ଲାଗି ୯ଟି ରାପିଡ୍ ରେସପନ୍ସ ଟିମ୍ କରାଯାଇଥିବା କମିଶନର କହିଛନ୍ତି। ଡାଇରିଆ ଏକ ଜଳ ଜନିତ ରୋଗ ହୋଇଥିବାରୁ ଜଳର ମାନ ନିରୂପଣ କରିବାକୁ ଏକ ଯୁଗ୍ମ କମିଟି କରାଯାଇଥିବା ଆରଏମସି କମିଶନର ଡକ୍ଟର ଶୁଭଙ୍କର ମହାପାତ୍ର କହିଛନ୍ତି। ଏହାଛଡା ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଡାଇରିଆ ନିରାକରଣ ଲାଗି ନିଆଯାଉଥିବା ପଦକ୍ଷେପର ତଦାରଖ କରୁଛନ୍ତି।

ବିରୋଧୀ ସହର ଏଭଳି ସଙ୍ଗୀନ ପରିସ୍ଥିତିରେ ଜନତାଙ୍କୁ ଡାଇରିଆ ନେଇ ସଚେତନ ନକରି ଅଯଥା ରାଜନୀତି କରିବା ନିନ୍ଦନୀୟ:ରାଉରକେଲା ବିଜେଡି

ରାଉରକେଲା, ୧୯/୧୨ (ନି/ପ୍ର):ରାଉରକେଲା ମହାନଗର ନିଗମର ବିଭିନ୍ନ ୱାର୍ଡ ରେ ଡାଇରିଆ ରୋଗ ବ୍ୟାପିବା ଓ ଏଥିରେ ଅଦ୍ୟାବଧି ୫ ଜଣ ମୃତ୍ୟୁବରଣ କରିଛନ୍ତି। ମାଇକ୍ରୋବାଇଲୋଜି ରିପୋର୍ଟ ଆଧାରରେ ଯେଉଁ ଝାଡ଼ା ହେଉଛି ତାହା ପାଣି ରେ ଜନ୍ମିତ ଜୀବାଣୁ ଜନିତ ରୋଗ। ଆଜି ରାଉରକେଲା ସରକାରୀ ଡାକ୍ତରଖାନା ରେ ୧୩୬ ଜଣ ଡାଇରିଆ ରୋଗୀ ଚିକିତ୍ସିତ ହେଉଥିବା ବେଳେ କିଛି ନୂଆ ରୋଗୀ ଆସୁଥିବା ଓ କିଛି ଭଲ ହୋଇ ଡିସଚାର୍ଜ ହୋଇଛନ୍ତି।ଅନ୍ୟ ପକ୍ଷରେ ରାଉରକେଲା ସରକାରୀ ଡାକ୍ତରଖାନା ରେ ଡାଇରିଆ ରୋଗ ରେ ସଂକ୍ରମିତ ଙ୍କୁ ଉନ୍ନମ ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ସେମାନଙ୍କର ଆବଶ୍ୟକୀୟ ଟେଷ୍ଟ ମଧ୍ୟ କରାଯାଉଛି। ସରକାରୀ ହସ୍ପିଟାଲ ର ଡାକ୍ତର ଙ୍କ ସହ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟ ର ବହୁ ଡାକ୍ତର ଆସି ରୋଗୀ ମାନଙ୍କୁ ଚିକିତ୍ସା କରାଉଛନ୍ତି। ରୋଗୀ ମାନଙ୍କ ର ଉପଯୁକ୍ତ ଯତ୍ନ ନେବା ପାଇଁ ଡାମିଟସ କଲେଜ ର ୪୦ ଜଣ ନର୍ସିଂ ଛାତ୍ର ଛାତ୍ରୀମାନେ ସେବା ପ୍ରଦାନରେ ନିୟୋଜିତ ହୋଇଛନ୍ତି। ପାରାମେଡିକାଲ ଷ୍ଟାଫ୍ ଅଧିକ ସଂଖ୍ୟକ ଆସି ସରକାରୀ ହସ୍ପିଟାଲ ରେ ସେମାନଙ୍କ ସେବା ଜାରି ରଖିଛନ୍ତି।ଡାଇରିଆ ରୋଗୀଙ୍କ ପାଇଁ ହସ୍ପିଟାଲ ରେ ଆବଶ୍ୟକତା ମୁତାବକ ଔଷଧ ମହଜୁଦ ରଖାଯାଇଛି। ପ୍ରତି ମୁହୂର୍ତ୍ତର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଉଛି।ଅନ୍ୟ ପକ୍ଷରେ ଜନସାଧାରଣ ଙ୍କୁ ସଚେତନ କରାଇବା ପାଇଁ ଆରଏମସି ପକ୍ଷରୁ ୬ ଟି ପ୍ରଚାର ଗାଡ଼ି ପ୍ରତି ସଂକ୍ରମିତ ଅଟଂଳ ରେ ବୁଲି ଜନତା ଙ୍କୁ ସଚେତନ କରାଇବା ସହ ପାଣି କୁ ଫୁଟାଇ ଛାଣି ପିଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ବ୍ୟବହାର ଉପଯୋଗୀ ଜଳ କୁ ବିଶୁଦ୍ଧ କରିବା ପରେ ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଛି। କୌଣସି ପ୍ରକାରର ଝାଡ଼ା କିମ୍ବା ବାନ୍ତି ହେଲେ କାଳବିଳମ୍ବ ନକରି ତୁରନ୍ତ ଡାକ୍ତରଖାନା ରେ ପହଚିଂ ଡାକ୍ତର ଙ୍କ ପରାମର୍ଶ ନେବା ସହ ଆବଶ୍ୟକୀୟ ଔଷଧ ନେବା ପାଇଁ ସଚେତନତା କରାଯାଉଛି। ସରକାରଙ୍କ ତରଫ ରୁ ଏହାକୁ ରୋକିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଥିବା ବେଳେ ବିରୋଧୀ ହୀନ ରାଜନୀତି କରିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ରାଉରକେଲା ବିଜେଡି ନଗର ସଭାପତି ଗଗନ ପଣ୍ଡା କହିଛନ୍ତି। ନବୀନ ପଟ୍ଟନାୟକ ସରକାର ସ୍ୱାସ୍ଥ୍ୟ କୁ ସର୍ବଦା ଅଗ୍ରାଧିକାର ଦେଇ ଆସୁଥିବାବେଳେ ଜଟିଳ ରୋଗର ଚିକିତ୍ସା ପାଇଁ ବିଏସକେୱାଇ କାର୍ଡ ଭଳି ଯୁଗାନ୍ତକାରୀ ବ୍ୟାବସ୍ଥା କରାଯାଇଛି। ତେଣୁ ବିରୋଧୀ ହୀନ ରାଜନୀତି ରୁ ନିବୃତ ରହି ଜନସାଧାରଣ ଙ୍କୁ ଏହା ଅଧିକ ଯେପରି ନ ବ୍ୟାପେ ସେ ନେଇ ସଚେତନ କରାଇପାରିଲେ ଏହା ଜନତା ଙ୍କ ହିତ ରେ ଲାଗିପାରିବ।

ବିଜେପିର ବରିଷ୍ଠ ନେତାଙ୍କ ପରଲୋକ

ରାଉରକେଲା, ୧୯/୧୨ (ନି/ ପ୍ର):ରାଉରକେଲା ବିଜେପିର ବରିଷ୍ଠ ନେତା ମାନନୀୟ ନାଗର୍ ମୋଲ୍ ପୋଦର୍ ଜି ଙ୍କ ଦେହାନ୍ତ। ବିଜେପି ପାରିବାର ପାଇଁ ଅତ୍ୟନ୍ତ ଦୁଃଖଦ ଖବର। ଅମର ଆତ୍ମା ର ସଦ୍ ଗତୀ ନିମେନ୍ତ ଭଗବାନ୍ ଙ୍କ ପାଖରେ ପ୍ରାଥାନକ୍ଷ କ୍ଷଜିଲ୍ଲା ବିଜେପି ର ବରିଷ୍ଠ ନେତା , ଆମ ସମସ୍ତଙ୍କ ଆଦର୍ଶ , ନିଷ୍ଠାବାନ , ବିଚାର ପାଇଁ ସମର୍ପିତ , କର୍ମଠ ନେତା ଥିଲେ କ୍ଷ ଜନସଂଘ ରୁ ଭାରତୀୟ ଜନତା ପାର୍ଟିରେ ସେ ସର୍ବଦା ଚଳ ଚଂଳ , ତଥା ବିଭିନ୍ନ ପଦ ପଦବୀ ରେ ରହି , ପାର୍ଟି ତଥା କାର୍ଯ୍ୟକର୍ତାଙ୍କୁ ମାର୍ଗଦର୍ଶନ କରିଆସୁଥିଲେ କ୍ଷ ତାଙ୍କର ଆବର୍ନମାନ ରେ ଜିଲ୍ଲା ବିଜେପି ପରିବାର , ମହାନ୍ ଆତ୍ମା ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି କ୍ଷ ଆସନ୍ତା କାଲି (ବୁଧବାର) ଦିବା ୧ , ୩୦ ସମୟରେ , ସ୍ୱର୍ଗତ ଆତ୍ମା ଙ୍କୁ ତାଙ୍କ ବାସଭବନରେ ଶେଷ ଦର୍ଶନ କରିବା ବ୍ୟବସ୍ଥା ରହିଛି କ୍ଷ (

ଏକ୍ୱାରିଅମ୍ ଜୋନରେ ଅଗ୍ନିକାଣ୍ଡ

ବଲାଙ୍ଗିର , ୧୯/୧୨ :ବଲାଙ୍ଗିର ସହର ସିଭିଲ୍ କୋର୍ଟ ସାମ୍ନାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସଂପତି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ବଲାଙ୍ଗିର ସିଭିଲ୍ କୋର୍ଟ ସାମ୍ନାରେ ରହିଥିବା ଏକ୍ୱାରିଅମ୍ ଜୋନରେ ଗତ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଗୋଟିଏ ଷ୍ଟଲ୍ ସଂପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି

ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରାଉରକେଲା, ୧୯/୧୨ (ନି/ ପ୍ର): ଜଲଦା ମିନି ଷ୍ଟାଡିୟମରେ ୩ ଦିନଧରି ଚାଲିଥିବା ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟରେ ଆରଏସପି ସହରସେବା ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସିଆରପିଏଫ ଡିଆଇଜି ଦୟାନିଧି ତନ୍ତୀ, ସମାଜସେବୀ ଗୋପାଳ ଦାସ, ସୁନ୍ଦରଗଡ ଡିଏଏ ଉପାଧକ୍ଷା ମେରି ଜଓହନ ବାଗେ, ଜଲଦା ସରପଚଂ ଗୀତା ଓରାମ, ସମିତି ସଭ୍ୟା ନେନା ଭଞ୍ଜ, ଡାକ୍ତର ଦେବାଶିଷ ମହନ୍ତ, ସମାଜସେବୀ ହେମନ୍ତ ନାୟକ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ, ସମ୍ମାନିତ ଅତିଥି ଶ୍ରୀ ତନ୍ତୀ ଓ ଅନ୍ୟମାନେ କ୍ରୀଡାର ଉପାଦେୟତା ଓ ତାହା ମାଧମରେ ଭାଇଚାରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଖେଳରେ ରାଉରକେଲା ତଥା ଏହାର ଆଖପାଖ ଅଟଂଳରୁ ୧୨ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ ଜଲଦା ଏ ଟିମ୍ ଓ ୱାଇବିସି ବନ୍ଧପୋଷ ମଧ୍ୟରେ ଖେଳା ଯାଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇ ନପାରିବାରୁ ଟ୍ରାଇବ୍ରେକର ଜରିଆରେ ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ ୱାଇବିସି କୁ ହରାଇ ବିଜୟୀ ହେଇଥିଲା। ଅତିଥିମାନେ ବିଜୟୀ ଟିମ୍ ଓ ରନର୍ସ ଅପ୍ ଟିମ୍ କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ମ୍ୟାଚରେ ରେଫ୍ରି ଭାବେ ବାନୁ ବାଉରୀ, ରାଜକୁମାର ପାଣିଗ୍ରାହୀ, ରଞ୍ଜିତ ଓରାମ,ଡାକୁରା ମୁର୍ମୁ, ସୁଶାନ୍ତ ଧରନ୍ତି ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସୋମାଇ ସୋରେନ,ପି ଏନ ମହାପାତ୍ର,ବିନୋଦ କୁଜୁର, ଅଧକ୍ଷ ଚିନ୍ନରଞ୍ଜନ ଭୂମିଜ, ସମ୍ପାଦକ ସୁନିଲ ଭଞ୍ଜ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

ଆରଏସପିର ପ୍ରକଳ୍ପ ଚରକ ଏବଂ ସୁନୟନା ଅନ୍ତର୍ଗତ ପାର୍ଶ୍ୱାଂଚଳ ଜନସାଧାରଣଙ୍କୁ ଶଲ୍ୟ ଚିକିତ୍ସାସେବା ପ୍ରଦାନ

ରାଉରକେଲା, ୧୯/୧୨ (ନି/ ପ୍ର):ସିଏସ୍ଆର୍ ପଦକ୍ଷେପର ଏକ ଅଂଶ ଭାବରେ, ସେଲ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲରେ ପ୍ରୋଜେକ୍ଟ ଚରକ ଏବଂ ପ୍ରୋଜେକ୍ଟ ସୁନୟନା ଅନ୍ତର୍ଗତ ଲାଠିକଟା ପାର୍ଶ୍ୱାଂଚଳ ବ୍ଲକର ୭ ଜଣଙ୍କୁ ମାଗଣା ଶଲ୍ୟ ଚିକିତ୍ସା ପ୍ରଦାନ କରାଯାଇଛି। ପୂର୍ବରୁ ଆରଏସପି ଆନୁକୂଲ୍ୟରେ ଅନୁଷ୍ଠିତ ଲାଠିକଟା ବ୍ଲକ ର ଭାଲୁଲତା ଠାରେ ଏକ ମେଡିକାଲ କ୍ୟାମ୍ପରେ ଏହି ରୋଗୀମାନଙ୍କୁ ଚିହ୍ନଟ କରାଯାଇଥିଲା। ମୋତିଆବିନ୍ଦୁ ଜନିତ ସମସ୍ୟାରେ ପୀଡିତ ଶ୍ରୀ ପୁରୁଷୋତ୍ତମ ସିଂ, ବୟସ ୭୪ ଏବଂ ଶ୍ରୀ ଗୋଇନ୍ଦା ଓରାମ, ବୟସ ୬୦ ଉଭୟ ପ୍ରୋଜେକ୍ଟ ସୁନୟନା ଅଧୀନରେ ବିଶେଷ କରି ଗ୍ରାମବାସୀଙ୍କୁ ଦୃଷ୍ଟି ସମସ୍ୟାର ସମାଧାନ ପାଇଁ ସହାୟତା ଯୋଗାଇଦେବା ନିମନ୍ତେ ଏହି ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ଅତିରିକ୍ତ ସିଏମଓ ଶ୍ରୀ ଆର ଆର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିନିୟର କନ୍ସଲଟାଂଟ, ଡକ୍ଟର ଅନିମା ଟିଗଗା ଓ ବିଭାଗର ନର୍ସ ଏବଂ କର୍ମଚାରୀଙ୍କ ସହ ଏହି ଅସ୍ତ୍ରୋପଚାର ସମ୍ପାଦନା କରିଥିଲେ। ନଭେମ୍ବର ମାସରେ ଭିନ୍ନଭିନ୍ନ ସମୟରେ ଉଭୟଙ୍କୁ ଡିସଚାର୍ଜ କରାଯାଇଥିଲା। ସେହିପରି ଭାବେ ପ୍ରୋଜେକ୍ଟ ଚରକ ଅଧୀନରେ ଶ୍ରୀ ଜଟିଆ ଓରାଓନ୍, ବୟସ ୫୩ , ଶ୍ରୀ ବିଶ୍ୱନାଥ ସରକାର,ବୟସ ୬୫ ଏବଂ ଶ୍ରୀ ଭୀମସାଗର ଓରାଓନ୍ ,ବୟସ ୨୪ ସେମାନଙ୍କର ହର୍ନିଆ ଏବଂ ହାଇଡ୍ରୋସିଲ ସମସ୍ୟାର ଚିକିତ୍ସା କରଯାଇଥିଲା। ଏହା ବ୍ୟତୀତ ଡାକ୍ତରମାନେ ସଫଳତାର ସହ ଶ୍ରୀ ପାଉଲସ୍ ମିନଜ୍ ,ବୟସ ୭୦ ଙ୍କ ଠାରେ ମୂତ୍ରାଶୟ ଷ୍ଟୋନ ଅସ୍ତ୍ରୋପଚାର କରି ବାହାର କରିଥିଲେ ଏବଂ ଶ୍ରୀ ପ୍ରତାପ ତନ୍ତି, ବୟସ ୫୧ ଙ୍କ ଲିପୋମା ବାହାର କରିଥିଲେ। ଏହି ସମସ୍ତ ଅସ୍ତ୍ରୋପଚାର ଏମ୍ ଆଣ୍ଡ ଏଚ୍ ବିଭାଗର ଅତିରିକ୍ତ ସିଏମଓ, ଡକ୍ଟର ମନୋଜ କୁମାର ପ୍ରଧାନଙ୍କ ଦ୍ୱାରା ମେଡିକାଲ ଏବଂ ପାରାମେଡିକାଲ୍ କର୍ମଚାରୀଙ୍କ ସହଯୋଗରେ କରାଯାଇଥିଲା। ଏହି ସମସ୍ତ ନିଃଶୁଳ୍କ ଅସ୍ତ୍ରୋପଚାର ନଭେମ୍ବର ମାସରେ ବିଭିନ୍ନ ସମୟରେ କରାଯାଇଥିଲା । ସେଲ, ଆରଏସପି ଏହାର ସିଏସ୍ଆର୍ ପ୍ରୟାସ ମାଧ୍ୟମରେ ଗ୍ରାମବାସୀଙ୍କ ପାଇଁ ସର୍ଜିକାଲ୍ ଚିକିତ୍ସାକୁ ମାଗଣାରେ ଉପଲବ୍ଧ କରାଇ ‘ ସ୍ୱସ୍ଥ ଭାରତ’ ସୃଷ୍ଟି କରିବାକୁ ସମସ୍ତ ପ୍ରକାର ପ୍ରୟାସ କରୁଛି। ସୂଚନାଯୋଗ୍ୟ ଯେ, ଆରଏସପି ରୋଗୀର ଚିକିତ୍ସା ଏବଂ ଆଡମିଶନ ଫି ସହିତ ଉଭୟ ରୋଗୀ ଓ ଆଟେଣ୍ଡାଂଟଙ୍କ ଖାଦ୍ୟପେୟ ଖର୍ଚ୍ଚ ବହନ କରୁଛି। ରୋଗୀମାନଙ୍କ ଯିବାଆସିବା ଖର୍ଚ୍ଚ ମଧ ଯୋଗାଇ ଦିଆଯାଉଛି ।

ବିଜୁ ଜନତା ଦଳ ରାଉରକେଲା ବିଧାନସଭା କ୍ଷେତ୍ରର ସକ୍ରିୟ ସଦସ୍ୟ ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର

ରାଉରକେଲା, ୧୯/୧୨ (ନି/ ପ୍ର):ବିଜୁ ଜନତା ଦଳ ପକ୍ଷରୁ ସମସ୍ତ ବିଧାନସଭା କ୍ଷେତ୍ରରେ ସକ୍ରିୟ ସଦସ୍ୟ ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିରର ଚାଲୁରହିଛି। ଏହି କ୍ରମରେ ରାଉରକେଲା ବିଧାୟକ ତଥା ଶ୍ରମ ଓ ଇଏସ୍ଆଇ ବିଭାଗୀୟ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଙ୍କ ନେତୃତ୍ୱ ରେ ବିଧାନସଭା କ୍ଷେତ୍ରର ୩ଦିନିଆ ପ୍ରଶିକ୍ଷଣ ଶିବିର ଛେଣ୍ଡ ସ୍ଥିତ ଆହୂତି ଭବନ ଠାରେ ଆଜି ଠାରୁ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ଶିବିର ଦିନକୁ ଦୁଇଟି ପର୍ଯ୍ୟାୟ ରେ ସକାଳ ୧୧ଟା ରୁ ଅପରାହ୍ନ ୧ଟା ଓ ଅନ୍ୟ ପର୍ଯ୍ୟାୟ ଟି ଅପରାହ୍ନ ୩ ଟା ରୁ ୫ ଟା ପର୍ଯ୍ୟନ୍ତ ଚାଲିବ। ଆଜି ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ରେ ରାଉରକେଲା ର ବିଭିନ୍ନ କଲେଜ ର ବିଜୁ ଛାତ୍ର ଜନତା ଦଳ ର ସକ୍ରିୟ ସଦସ୍ୟ ଓ ସଦସ୍ୟା ଙ୍କ ସମେତ ବନ୍ଧମୁଣ୍ଡା ୱାର୍ଡ ନମ୍ବର ୩୮ ,୩୯ ଓ ୪୦ ନମ୍ବର ର ସକ୍ରିୟ ବିଜେଡି କର୍ମୀ ମାନେ ମୋଟ ୮୬୦ ଜଣ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ରେ ଭୁବନେଶ୍ୱରରୁ ଆସିଥିବା ମାଷ୍ଟର ପ୍ରଶିକ୍ଷକ ତୁୟନାଥ ପଣ୍ଡା ଓ ଅରୁପ ଶ୍ରୀଚନ୍ଦନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶେଷ କରି ବିଜେଡି ର ସମସ୍ତ ଜନକଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରର ପ୍ରତ୍ୟେକ ଜନସାଧାରଣ ଙ୍କ ନିକଟରେ ପହଚାଂଇବା ଏହାର ମୂଳମନ୍ତ୍ର। ଏହି ପ୍ରଶିକ୍ଷଣ ଶିବିର ଉଦଘାଟନୀ ଉତ୍ସବରେ ବିଜେଡି ରାଉରକେଲା ସାଂଗଠନିକ ଜିଲ୍ଲା ସଭାପତି ହାଲୁ ମୁଣ୍ଡାରୀ, ପୂର୍ବତନ ଜିଲ୍ଲା ସଭାପତି ଆନନ୍ଦ ଚନ୍ଦ୍ର ମାହାନ୍ତି,ନଗର ସଭାପତି ଗଗନ ପଣ୍ଡା, ପୂର୍ବତନ ନଗରପାଳ ରଶ୍ମିବାଳା ମିଶ୍ର, ବରିଷ୍ଠ ନେତା ଶ୍ରୀଚରଣ ମାହାନ୍ତି,ରାଜ କିଶୋର ମିଶ୍ର, ପ୍ରଫୁଲ୍ଲ ସାମଲ, ଦେବାନନ୍ଦ ତ୍ରିପାଠୀ,ଆଡଭୋକେଟ ରମେଶ ମହାନ୍ତି, ସନ୍ତୋଷ ନାୟକ,ସି.ରାମବାବୁ,ଯୁବ ସଭାପତି ସୁଶାନ୍ତ ରାଉତ,କାବୁଲି ପ୍ରତିହାରୀ,ପିଙ୍କୁ ଜୟସ୍ୱାଲ, ଦୁଷ୍ମନ୍ତ ରାୟ ଓ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିର ରେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନେ ବେଶ ଉତ୍ସାହିତ ଥିବା ଜଣାପଡିଛି।

ପ୍ରଗତି ଉତ୍କଳ ସଂଘରେ ମାସିକ ସାହିତ୍ୟ ଆସର

ରାଉରକେଲା, ୧୯/୧୨(ନି/ପ୍ର) :ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଏକ ମାସିକ ସାହିତ୍ୟ ସଭା ସହ ଗଳ୍ପ ଓ ଶୀତ କବିତା ଆସର ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଅଛି। ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଂଘର ଅନ୍ୟତମ ଉପ ସଭାପତି ଶ୍ରୀ ରଶ୍ମିରଞ୍ଜନ ବୋଇତାଇ ସଭାରେ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ରଖି ଥିଲେ। ପରେ ପରେ ଗଳ୍ପ ଓ କବିତା ପାଠ ଆସର ଆରମ୍ଭ ହୋଇଥିଲା। ଶ୍ରୀମତୀ ରଶ୍ମି ସାହୁ, ଶ୍ରୀମତୀ ଗୀତା ରାଣୀ ବେହେରା ଖୁବ୍ ସୁନ୍ଦର ଭାବରେ ସଂଯୋଜନା କରିଥିଲେ ଓ ଶ୍ରୀମତୀ ସ୍ମିତା ମିଶ୍ର ସଭା ପରିଚାଳନା କରିଥିଲେ। ଶ୍ରୀମତୀ ସୁପ୍ତି କର ଓ ପୁଷ୍ପାରାଣୀ ପଟେଲ ଗଳ୍ପ ପାଠ କରିଥିଲେ ଏବଂ ଶ୍ରୀ ଉପେନ୍ଦ୍ର ବସ୍ତିଆ, ସୁଶାନ୍ତ ନାୟକ, ସ୍ମିତା ମିଶ୍ର, ଗୀତା ରାଣୀ ବେହେରା, ଗୌତମ ଦାସ, ରଶ୍ମି ସାହୁ, ପ୍ରତାପ କୁମାର ପଣ୍ଡା ,ଅର୍ଚ୍ଚନା ପାତ୍ର ଓ ତ୍ରିନାଥ ସିଂ ଅତି ଚମତ୍କାର କବିତା ମାନ ପାଠ କରିଥିଲେ। ବିଶିଷ୍ଟ ସାହିତ୍ୟିକ କାଶୀନାଥ ନନ୍ଦୀ ଗଳ୍ପ ଓ କବିତା ସବୁକୁ ସମୀକ୍ଷା କରିଥିଲେ।ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଧା ମୋହନ ନାୟକ, ଅରବିନ୍ଦ ପାତ୍ର, ଅଶୋକ କୁମାର ପଟ୍ଟନାୟକ, ବରୁଣ କୁମାର ନାହାକ, ପ୍ରସନ୍ନ କୁମାର ମହାନ୍ତି, ସତ୍ୟ ନାରାୟଣ ଦାଶ, ଶୁଭ୍ରାଂଶୁ ଶେଖର ମହାପାତ୍ର, ପରୀକ୍ଷିତ ଗୁରୁ, ଧରଣୀଧର ସାମଲ, ଶଙ୍କର ପ୍ରାସାଦ ସାହୁ, ପ୍ରଦୀପ କୁମାର ପଟ୍ଟନାୟକ, ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଭାଟିକୁ ସଫଳ କରିଥିଲେ।

ଅପହୃତା ଶିଶୁ ଉଦ୍ଧାର

ରାଉରକେଲା, ୧୯/୧୨ (ନି/ପ୍ର):ସୋମବାର ସନ୍ଧ୍ୟାରେ ଦେବଗଡ଼ରୁ ଅପହୃତା କପଡା ବ୍ୟବସାୟୀ ଆଲୋକ ଅଗ୍ରୱାଲଙ୍କ ୬ ବର୍ଷର ଝିଅ ପିହୁକୁ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ରୁ ଉଦ୍ଧାର କରାଯାଉଛି। ବଡ଼ଗାଁ ଥାନା ଭୋଇପାଲି ପୋଲ ତଳୁ ପିହୁଙ୍କୁ ଉଦ୍ଧାର କରାଯାଇଛି। ପୋଲ ତଳେ ଝିଅଟି କାନ୍ଦୁ ଥିବା ବେଳେ ଜଣେ ସ୍ଥାନୀୟ ମହିଳା ଦେଖି ପୋଲିସକୁ ଖବର ଦେଇଥିଲେ । ଦେବଗଡ଼ ପୋଲିସ ସହିତ ଯୋଗାଯୋଗ କରିବା ପରେ ପୋଲିସ ଏବଂ ପିହୁଙ୍କ ବାପା ସୁନ୍ଦରଗଡ଼ରେ ପହଁଚି ପିହୁକୁ ନେଇ ଦେବଗଡ଼ ଫେରି ଯାଇଛନ୍ତି। ଗତ କାଲି ସନ୍ଧ୍ୟାରେ ଝିଅଟି ନିଜ ଆଇ ସହ ଟ୍ୟୁସନରୁ ଫେରୁଥିବା ବେଳେ ବାଇକରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଆଇଙ୍କୁ ଧକ୍କା ମାରି ଝିଅକୁ ଅପହରଣ କରି ନେଇ ଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅପହୃତ ଝିଅକୁ ଉଦ୍ଧାର କରିବାକୁ ଉଦ୍ୟମ କରୁଥିବା ବେଳେ ଆଜି ସକାଳେ ବାଡ଼ଗାଁରୁ ଉଦ୍ଧାର କରାଯାଇଛି। ଅପହରଣର କାରଣ ଜଣା ପଡି ନାହିଁ। ଏ ବାବଦରେ ଅଧିକ ତଦନ୍ତ ଚାଲିଛି।

ଆରଏଚଆଇ ମଗ୍ନେସିଟା ଇଣ୍ଡିଆ ରିଫ୍ରାଟୋରିଜ ଲିମିଟେଡ ରେ ଶ୍ରମିକ ଧର୍ମଘଟ ଦିତୀୟ ଦିନରେ ପହଚିଂଲା

ରାଜଗାଙ୍ଗପୁର, ୧୯/୧୨ : ସିଆଇଟିୟୁ ସହ ବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ (ସିମୁ) ନେତୃତ୍ୱ ରେ ଆରଏଚଆଇ ମଗ୍ନେସିଟା ଇଣ୍ଡିଆ ରିଫ୍ରାଟୋରିଜ ଲିମିଟେଡ ରେ ଶ୍ରମିକ ଧର୍ମଘଟ ଆଜି ଦିତୀୟ ଦିନରେ ପହଚିଂଲା । ଗତ କାଲି ଠାରୁ ହଜାର ହଜାର ଉଭୟ ଠିକା ଓ ସ୍ଥାୟୀ ଶ୍ରମିକ ମାନେ କାରଖାନାର ଗେଟ ସମ୍ମୁଖ ରେ ଧର୍ମଘଟ ଜାରି ରଖିଛନ୍ତ। ଏହି ଧର୍ମଘଟ ରେ ସିଆଇଟିୟୁ କେନ୍ଦ୍ରୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସିମୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ସହ ସମ୍ପାଦକ ବିମାନ ମାଇତି, ସମ୍ପାଦକ ଯଯାତି କେଶରୀ ସାହୁ, ଅଜିତ ଏକ୍କା,